୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27 . No.02 Bhubaneswar Saturday February 03 2024 ୨୭ତମ ବର୍ଷ ସଂଖ୍ୟା–୦୩ ଭୁବନେଶ୍ୱର, ଶନିବାର, ଫେବୃଆରୀ ୦୩, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ 1.50 ₹ (Air Surcharge - 0.50P) Member-INS



ଭାରତ ସରକାର

## ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା

ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ



## ୬୮ ହଜାର କୋଟି ଟଙ୍କାର ୧୮ଟି ପ୍ରକଳ୍ପ ଗୁଡ଼ିକର ଉଦଘାଟନ, ଲୋକାର୍ପଣ ଓ ଶିଳାନ୍ୟାସ

ଶନିବାର, ୩ ଫେବୃଆରୀ ୨୦୨୪ | ସକାଳ ୧୦ ଘଟିକା

### ଶୁଭ ଉଦ୍‌ଘାଟନ

- ରାଷ୍ଟ୍ରୀୟ ରାଜମାର୍ଗ - ୫୨୦ର ରିମୁଳି-କୋଇଡା ସେକ୍ସନକୁ ୪ ଲେନ୍
- ରାଷ୍ଟ୍ରୀୟ ରାଜମାର୍ଗ ୧୪୩ର ବୀରମିତ୍ରପୁର-ବ୍ରାହ୍ମଣୀ ବାଇପାସ୍ ଏଣ୍ଡ ସେକ୍ସନର ୪ ଲେନ୍
- ରାଷ୍ଟ୍ରୀୟ ରାଜମାର୍ଗ ୧୪୩ର ବ୍ରାହ୍ମଣୀ ବାଇପାସ୍ ରାଜାମୁଣ୍ଡା ଖଣ୍ଡ ୪ ଲେନ
- ଲଖାନପୁରରେ ଅବସ୍ଥିତ ଇବ୍ ଭ୍ୟାଲି ୱାଶେରୀ (୧୦ ଏମଟିଏ)
- ଜଗଦିଶପୁର - ହଳଦିଆ - ବୋକାରୋ - ଧାମରା ପାଇପ ଲାଇନ ପ୍ରକଳ୍ପର ଧାମରା - ଅନୁଗୋଳ ପାଇପ ଲାଇନ ଖଣ୍ଡ (୪୧୨ କି.ମି)
- ଲାଜକୁରା ଆରଏଲଏସ୍
- ଭୁବନେଶ୍ୱରୀ ଫେଜ୍-୧ ସିଏଚପି-ସାଇଲୋ
- ଆଇଆଇଏମ୍ ସମ୍ବଲପୁର

### ଶୁଭାରମ୍ଭ

ପୁରୀ-ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସ୍

### ଲୋକାର୍ପଣ

- ଏନଟିପିସି ଦର୍ଲିପାଲି ସୁପର ଥର୍ମାଲ ପାୱାର ଷ୍ଟେସନ (୨x୮୦୦ ମେଗାୱାଟ୍)
- ଏନ୍ ଏସ୍ ପି ସି ଏଲ୍ ରାଉରକେଲା ପିପି-୨ ବିସ୍ତାର ପ୍ରକଳ୍ପ (୧x୨୫୦ ମେଗାୱାଟ୍)
- ଝାରସୁଗୁଡ଼ା - ବରପାଲି - ସରଡେଗା ରେଳ ଲାଇନ୍ ଦୋହରୀକରଣ
- ସମ୍ବଲପୁର-ତାଳଚେର ରେଳ ଲାଇନ ଦୋହରୀକରଣ (୧୬୮ କିମି)
- ଖୋର୍ଦ୍ଧା ରୋଡ୍ - ବଲାଙ୍ଗିର ନୂତନ ରେଳ ଲାଇନ୍
- ଝାରତରଭା-ସୋନପୁର ରେଳଖଣ୍ଡ (୨୧.୭ କିମି)
- ଝାରସୁଗୁଡ଼ାର ନବନିର୍ମିତ ମୁଖ୍ୟ ଡାକଘର ଐତିହ୍ୟ ଭବନ

### ଶିଳାନ୍ୟାସ

- ଏନଏଲସୀଆଇଏଲ ତଳବିରା ତାପ ବିଦ୍ୟୁତ୍ ପରିଯୋଜନା (୩ x ୮୦୦ ମେଗାୱାଟ)
- ମୁମ୍ବାଇ-ନାଗପୁର-ଝାରସୁଗୁଡ଼ା ପାଇପ ଲାଇନ ପ୍ରକଳ୍ପର ନାଗପୁର-ଝାରସୁଗୁଡ଼ା ପାଇପ ଲାଇନ ଖଣ୍ଡ (୬୯୨ କିମି)
- ଏନ ଟି ପି ସି ତାଳଚେର ଥର୍ମାଲ ପାୱାର ପ୍ରୋଜେକ୍ଟ ଷ୍ଟେଜ୍-୩ (୨ x ୬୬୦ ମେଗାୱାଟ)
- ସମ୍ବଲପୁର ରେଳ ଷ୍ଟେସନର ନବୀନକରଣ

### ଗରିମାମୟ ଉପସ୍ଥିତି

ଶ୍ରୀ ରଘୁବର ଦାସ
ମାନନୀୟ ରାଜ୍ୟପାଳ, ଓଡ଼ିଶା

ଶ୍ରୀ ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ
ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ
ଭାରତ ସରକାର

ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ମନ୍ତ୍ରୀ, ରେଳ, ସଂଚାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ବିଜ୍ଞାନ

ଶ୍ରୀ ବିଶ୍ୱେଶ୍ୱର ଟୁଡୁ
କେନ୍ଦ୍ର ରାଜ୍ୟ ମନ୍ତ୍ରୀ, ଜଳ ଶକ୍ତି ତଥା ଜନଜାତୀୟ କାର୍ଯ୍ୟ

ଶ୍ରୀ ନୀତେଶ ଗଙ୍ଗଦେବ
ସଦସ୍ୟ ଲୋକସଭା

ଶ୍ରୀ ନାଉରି ନାୟକ
ସଦସ୍ୟ ଓଡ଼ିଶା ବିଧାନସଭା

ସିଧା ପ୍ରସାରଣ କେବଳ ଦୂରଦର୍ଶନ ନିଉଜରେ ଦେଖନ୍ତୁ









# ଟି ଟାଇମ୍

# ପୁରାଣ କାହାଣୀ

## ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‌ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

## ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ଅଜବ ବନ୍ଧୁତା

ଅନେକ ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କ ପୋଷା ଜୀବ ବିନା ମୁହୂର୍ତ୍ତେ ବଞ୍ଚିବାକୁ ଇଚ୍ଛା କରନ୍ତି ନାହିଁ । ଇଣ୍ଡୋନେସିଆର ସୁରାବାୟା ସହରରେ ରହୁଥିବା ହାଣ୍ଡାକୋ ନଜୋଟୁକାସାମା ତାଙ୍କର ପୋଷା କୁକୁର ଗୁଡିକୁ ତାଙ୍କୁ ପୁଅ ଝିଅ ପରି ଭଲ ପାଆନ୍ତି । ସେ ଯୁଆଡେ ଯାଆନ୍ତି କୁକୁର ଦୁଇଟିକୁ ସଙ୍ଗରେ ନେଇ ଯାଆନ୍ତି । ସେ ଏହି କୁକୁରଗୁଡିକର ସୁରକ୍ଷା ଓ ଷ୍ଟାଇଲର ପୁରାପୁରି ଯତ୍ନ ନିଅନ୍ତି । ସେ ସ୍କୁଟିରେ କୁକୁର ଦୁଇଟିକୁ ନେବା ସମୟରେ ମୁଣ୍ଡରେ ସେମାନଙ୍କୁ ହେଲମେଟ ଓ ଆଖିରେ ଚଷମା ପିନ୍ଧନ୍ତି ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା



ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ଓଫ୍ରି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।

୨୬ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27 . No.02 Bhubaneswar Saturday February 03 2024 | ୨୬ତମ ବର୍ଷ ସଂଖ୍ୟା–୦୩ ଭୁବନେଶ୍ୱର, ଶନିବାର, ଫେବୃଆରୀ ୦୩, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ 1.50 ₹ (Air Surcharge - 0.50P) | Member-INS

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪

୩ରୁ ୫ ଫେବୃଆରୀ | ଜନତା ମଇଦାନ, ଭୁବନେଶ୍ୱର



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

### ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ

କରକମଳରେ

### ଶୁଭାରମ୍ଭ

ଫେବୃଆରୀ ୩ ତାରିଖ, ପୂର୍ବାହ୍ଣ ୧୧ଟା
ଜନତା ମଇଦାନ, ଭୁବନେଶ୍ୱର



## ବିଶାଳ ଭାଷା ମହାକୁମ୍ଭର ଆକର୍ଷଣ

- ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ପର୍ବ
- ୫ ବରପୁତ୍ରଙ୍କ ନାମରେ ସମ୍ମିଳନୀ କକ୍ଷ
- ୧୬ଟି ବିଶେଷ ଆଲୋଚନାଚକ୍ର
- ଯୋଗଦେବେ ଅନ୍ତର୍ଜାତୀୟ ଭାଷାବିତ୍
- ଶତାଧିକ ଲେଖକ-ସାହିତ୍ୟିକଙ୍କ ସମାଗମ
- ବିଶିଷ୍ଟ ସାହିତ୍ୟିକ ଓ ଲେଖକଙ୍କୁ ସମ୍ବର୍ଦ୍ଧନା
- କଳାକୃତି ଓ ଫଟୋଚିତ୍ର ପ୍ରଦର୍ଶନୀ

ଭାଷା ଅତୀତର ଅସ୍ତିତ୍ୱ
ଭାଷା ହିଁ ଭବିଷ୍ୟତ

DSPL-607
15001/13/0319/2324

www.worldodiaconference.org
wolc_2024 wolc2024 wolc2024

ଆୟୋଜକ: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ।।
ଋଗ୍ ବେଦ ୧୦/୧୯୧/୨-୪

**ପର୍ଯ୍ୟବେକ୍ଷକ ସମ୍ପାଦକୀୟ**

**ଭୁବନେଶ୍ୱର, ୨୦୨୪, ଫେବୃଆରୀ ୩**

# କ୍ୟାନସର କୁ କୁହ ନା



କାଳି ଦାସ

କ୍ୟାନସରର ନା ଶୁଣିଲେ ହିଁ ଲୋକମାନେ ଡରି ଯାଆନ୍ତି ।ପ୍ରତି ବର୍ଷ ବିଶ୍ୱ ରେ ୯.୭ ମିଲିୟନ ଲୋକ ଏହି ଭୟାବହ ରୋଗ ରେ ମୃତ୍ୟୁ ବରଣ କରିଥାନ୍ତି ।ସାଧାରଣ ଲୋକ କୁ କ୍ୟାନସର ବିଷୟ ରେ ସତର୍କ କରିବା ପାଇଁ ୱାଲ୍ଡ କ୍ୟାନସର ଡେ କୁ ପାଳନ କରାଯାଏ । କ୍ୟାନସର ସାଧାରଣ ପେଣ୍ଡେମିକ ପରି ଜଣଙ୍କ ଠାରୁ ଅନ୍ୟଜଣଙ୍କୁ ବ୍ୟାପି ନ ଥାଏ ।ତେଣୁ କ୍ୟାନସର ଦ୍ୱାରା ଆକ୍ରାନ୍ତ ଲୋକଙ୍କ ପାଖକୁ ଯିବା ପାଇଁ ଡରିବା କଥାନୁହେଁ ।କ୍ୟାନସର ହେଲା ଏମିତି ଏକ ରୋଗ ଯେଉଁଥିରେ ଦେହ ରେ ଥିବା ସେଲ ଗୁଡିକ ଅନିୟନ୍ତ୍ରିତ ଭାବ ରେ ଭାଙ୍ଗି ଚାଲନ୍ତି ଏବଂ ଦେହ ର ଅନ୍ୟ ଟିସୁ ମାନଙ୍କୁ ନଷ୍ଟ କରିଚାଲନ୍ତି। କ୍ୟାନସର ରେ ଶିକାର ମଣିଷର ଶରୀର ଭିତରେ କ୍ୟାନସରର ସେଲ ଗୁଡିକ ବଢିବା ସହିତ ଶରୀର ବିଭିର୍ନ୍ନ ସ୍ଥାନ କୁ ମଧ ବ୍ୟାପୀ ଥାନ୍ତି ।କ୍ୟାନସରର ଅନେକ କାରଣ ଭିତରୁ ଗୋଟିଏ କାରଣ ହେଲା ଟବାକୋ,ପାନ,ପୁଡିଆ ପରି ନିଶା ଦ୍ରବ୍ୟର ସେବନ ।ଏହି ନିଶା ଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି ମାନେ ପ୍ରାୟତହ କ୍ୟାନସରର ଶିକାର ହୁଅନ୍ତି ।ସେଥିପାଇଁ ଟବାକୋ ଓ ଟବାକୋ ଥିବା ନିଶା ଦ୍ରବ୍ୟ ବିକ୍ରିୟ ପଦାର୍ଥ ଗୁଡିକ ରେ ସତର୍କତା ଘୋଷଣା କରାଯାଇଥାଏ ଏବଂ ଟବାକୋ ସେବନ ଦ୍ୱାରା ହୋଇଥିବା କ୍ୟାନସର ଛବି ମଧ ସେଥିରେ ଛପା ହୋଇଥାଏ କିନ୍ତୁ ସାଧାରଣ ଲୋକ ଯେଉଁ ମାନେ ପାନ,ପୁଡିଆ ପାନ ବା ସିଗେରେଟ ଖାଇଥାନ୍ତି ସେମାନେ ଏ ସମସ୍ତ ସତର୍କବାଣୀ କୁ ଭୁକ୍ଷେପ କରନ୍ତି ନାହିଁ ।କେତେ କ ଲୋକମାନଙ୍କର ବିଶ୍ୱାସ ଏହି ଯେ ନିଶା ଦ୍ରବ୍ୟ ଖାଇବା ଦ୍ୱାରା ମୁଖ ରେ କ୍ୟାନସର ବା ଫୁସଫୁସ ରେ କ୍ୟାନସର ହୋଇଥାଏ କିନ୍ତୁ ଏହି ନିଶା ଦ୍ରବ୍ୟ ଗୁଡିକ ବ୍ଲଡେର କ୍ୟାନସର ର କାରଣ ମଧ ହୋଇଥାନ୍ତି । ଆଜିକାଲି ଛୋଟ ପିଲା ମାନଙ୍କୁ ମଧ କ୍ୟାନସର ହେବା ଦେଖା ଯାଉଛି । ଛୁଆମାନଙ୍କ ଭିତରେ ଲ୍ୟୁକେମିଆ,ବ୍ରେନ ଟ୍ୟୁମର ଏବଂ ଲିମ୍ଫୋମିଆ କ୍ୟାନସର ଦେଖା ଯାଇଥାଏ ।ସେହିପରି ମହିଳା ମାନଙ୍କ ଭିତରେ ମୁଖ୍ୟତଃ ବ୍ରେଷ୍ଟ କ୍ୟାନସର ,ଲଙ୍ଗସ କ୍ୟାନସର ଏବଂ କୋଲୋରେକଟାଲ କ୍ୟାନସର ଦେଖାଯାଇଥାଏ ।

ପୁରୁଷ ମାନଙ୍କ ଭିତରେ ପ୍ରୋଷ୍ଟେଟ କ୍ୟାନସର ଲଙ୍ଗସ କ୍ୟାନସରର ଏବଂ କଲୋରେକଟୋଲ କ୍ୟାନସର ଦେଖାଯାଏ ।

କ୍ୟାନସର ରୋଗ କେବଳ ରୋଗୀ କୁ କଷ୍ଟ ଦେଇନଥାଏ ବରଂ ସମଗ୍ର ପରିବାର କୁ କଷ୍ଟ ଦେଇଥାଏ । କ୍ୟାନସର ର ଚିକତ୍ସା ବ୍ୟୟ ସପେକ୍ଷା ତା ସହିତ କ୍ୟାନସର ଥରେ ଭଲ ହେଲା ପରେ ପୁଣି ଫେରି ଆସିବାର ଭୟରହିଥାଏ ।କ୍ୟାନସର ରୋଗୀ କୁ ମାନସିକ ଦୁଶ୍ଚିନ୍ତା ଭିତର କୁ ଠେଲି ଦିଏ । କ୍ୟାନସରର ପଛରେ ଅନେକ କାରଣ ରହିଥାଏ ଯେମିତିକି ବୟସ, ଖାଦ୍ୟ , ଜେନେଟିକ ,ବଦ ଆଭ୍ୟାସ ଇତ୍ୟାଦି ସେହିପରି କ୍ୟାନସର ମୁଖତଃ ବ୍ୟାପୀ ଥାଏ ହାଡ ରେ ଲିଭର ରେ ଓ ଲଙ୍ଗସ ରୋବିଶ୍ୱ ରେ ପ୍ରତିଦିନ କ୍ୟାନସର ରୋଗୀ ଏବଂ କ୍ୟାନସାର ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇ ଚାଲିଛି ତେଣୁ ଏକ ସୁସ୍ଥ ସମାଜ ଓ ସୁସ୍ଥ ବିଶ୍ୱ ର ପରିକଳ୍ପନା ଆମେ ସେତେବେଳେ କରି ପାରିବା ଯେତେବେଳେ ଆମେ କ୍ୟାନସର କୁ ନିଜର କବଳ ରେ ରଖିପାରିବା ।ବିଶ୍ୱ କ୍ୟାନସର ଦିବସ ପ୍ରତି ବର୍ଷ ୪ ଫେବୃଆରୀ ରେ ପାଳନ କରାଯାଇଥାଏ । ଏହି ଦିନ ସାଧାରଣ ଲୋକଙ୍କୁ କ୍ୟାନସର ରୋଗ ବିଷୟ ରେ ଅବଗତ କରାଯାଇଥାଏ ଏବଂ ଏଥିରୁ ମୁକ୍ତି ପାଇବା ପାଇଁ ସଚେତନ କରାଯାଇଥାଏ । ଆଜି ପୁରା ବିଶ୍ୱ କ୍ୟାନସର କୁ ଡରୁଛି । କ୍ୟାନସର ରୋଗର ମୁଖ୍ୟ କାରଣ ହେଲା ଅନିୟମିତ ଖାଦ୍ୟ ର ସେବନ ତମାଖୁ,ଗୁଠଖା , ଗୁଡାଖୁ ର ସେବନ ତେଣୁ ଏହି ସବୁ ଅନିମିୟତା ବିଷୟ ରେ ଲୋକଙ୍କୁ ସଚେତନ କରିବା ଏହାର ମୂଳ ଉଦ୍ଦେଶ୍ୟ ।ଅନେକ ଥର ଲୋକଙ୍କୁ ସଚେତନ କରିବା ପରେ ମଧ ଲୋକ ମାନେ ସଚେତନ ନହେବା ଯୋଗୁ ଲୋକମାନେ କ୍ୟାନସର ରୋଗ ରେ ପୀଡିତ ହେଉଛନ୍ତି ଏବଂ କୋଟି କୋଟି ଟଙ୍କା ଚିକିତ୍ସା ନିମନ୍ତେ ଖର୍ଚ୍ଚ ହେଉଛି । ନିକଟ ରେ ଭାରତ ର ଜଣେ ଅଭିନେତ୍ରୀ ଏବଂ ଭାରତ କ୍ରିକେଟ ଟିମ ର ଜଣେ କ୍ରିକେଟ ଖେଳାଳି ଏହି କ୍ୟାନସର ରୋଗରେ ପିଡିତ ହୋଇଥିଲେ ଏବଂ କ୍ୟାନସର ରୁ ମୁକ୍ତି ମଧ ପାଇଛନ୍ତି ।କ୍ୟାନସର ରୋଗ କୁ ଲୁଚେଇବା ଏବଂ ଡରିବା ଯୋଗୁ ଅନେକ ସମୟ ରେ ରୋଗୀ କୁ ଚିକିତ୍ସା ରୁ ବଞ୍ଚିତ କରାଯାଏ । କ୍ୟାନସର ର ସନ୍ଧ ?ହ ହେଲେ ସାଙ୍ଗେ ସାଙ୍ଗେ ତାର ପରୀକ୍ଷା ଓ ତାର ଚିକିତ୍ସା କରାଗଲେ ଆମେ ଅନେକାଂଶ ରେ କ୍ୟାନସର ରୁ ମୁକ୍ତି ପାଇପାରିବା। କଥା ରେ ଅଛି ସ୍ୱାସ୍ଥ୍ୟ ହିଁ ସମ୍ପଦ "Health is wealth" ପ୍ରତ୍ୟେକ ମଣିଷ ର ମୂଳ ଲକ୍ଷ୍ୟ ହେବା କଥା ଏକ ସୁସ୍ଥ ଜୀବନ ବିତାଇବା ପାଇଁ । ନିଜ ସ୍ୱାସ୍ଥ୍ୟ କେମିତି ଭଲ ରହିବ ତା ଉପରେ ଚିନ୍ତା କରିବା କଥା ।୧୯୩୩ ର ଆନ୍ତରାଷ୍ଟ୍ରୀୟ କ୍ୟାନସର ନିୟନ୍ତ୍ରଣ ସଂଘ ଦ୍ୱାରା ପ୍ରଥମ ଥର ପାଇଁ ସ୍ୱିଜରଲେଣ୍ଡ ର ଜେନିଭା ସହର ରେ ବିଶ୍ୱ କ୍ୟାନସର ଦିବସ ପାଳନ କରାଯାଇଥିଲା । ଏହି ଦିବସ ରେ କ୍ୟାନସର ବିଷୟ ରେ ଲୋକଙ୍କୁ ଜାଗୃତ, ,ଶିକ୍ଷିତ ଏବଂ ସଚେତନ କରାଯାଇଥିଲା । କ୍ୟାନସର ରୁ ମୁକ୍ତି ପାଇବା ପାଇଁ ବିଭିର୍ନ୍ନ ସରକାରଙ୍କୁ ଏ ବିଷୟ ରେ ବୁଝେଇବା ପାଇଁ ଏବଂ ଲକ୍ଷ୍ୟ ଲକ୍ଷ୍ୟ ଲୋକଙ୍କୁ କେମିତି କ୍ୟାନସର ରୁ ବଞ୍ଚାଇବା ସେହି ବିଷୟ ରେ ସଚେତନ କରିବା ପାଇଁ ଏହାର ମୂଳ ଉଦ୍ଦେଶ୍ୟ ଥିଲା ।ଆଜି ର ଦିନ ରେ ମଧ ପ୍ରତି ବର୍ଷ ୬ ଲକ୍ଷ୍ୟ ଲୋକ କ୍ୟାନସର ଦ୍ୱାରା ମୃତ୍ୟୁବରଣ କରୁଛନ୍ତି ।୪୦ ଲକ୍ଷ୍ୟ ଲୋକ ୩୦ ରୁ ୪୦ ବର୍ଷ ଆୟୁ ପୂର୍ବରୁ ମୃତ୍ୟୁବରଣ କରିସାରିଲେଣି । ଏଥିପାଇଁ ସମୟ ପୂର୍ବ ରୁ ଏହି ରୋଗ ବିଷୟ ରେ ସାଧାରଣ ଲୋକଙ୍କୁ ଜାଗୃତ କରିବା ଦରକାର ଏବଂ ଲୋକଙ୍କୁ ଶିକ୍ଷିତ କରିବା ଦରକାର ତା ସହିତ କ୍ୟାନସର ଠାରୁ ଲୋକଙ୍କ ଜୀବନ କେମିତି ବଞ୍ଚିପାରିବ ତା ପାଇଁ ସମସ୍ତେ ଜାଗ୍ରତ କେବା ଦରକାର।

*ବ୍ରହ୍ମପୁର,*
*ଖୋଡାସିଙ୍ଗ କଳିଙ୍ଗନଗର ,*
*ଫୋନ ନମ୍ବର -*
*୭୨୦୫୧୦୦୮୩୯*

# ଗାନ୍ଧୀଙ୍କ ଦୃଷ୍ଟିରେ ମାନବିକ ଅଧିକାର



ଉମାଶଙ୍କର ପ୍ରସାଦ

ସମାଜରେ ସାମାଜିକ ସ୍ଥିତିପାଇଁ ଜଣେ ବ୍ୟକ୍ତିର କେତେକ ସର୍ବନିମ୍ନ ଅଧିକାରକୁ ମାନବିକ ଅଧିକାରର ଆଖ୍ୟା ଦିଆଯାଇଛି। ମିଳିତ ଜାତିସଂଘ ତା'ର ମାନବିକ ଅଧିକାରର ଘୋଷଣାନାମାରେ କହିଛି, ପ୍ରତ୍ୟେକ ବ୍ୟକ୍ତି ଜନ୍ମରୁ ମୁକ୍ତ ହେବା ସହ ନିଜର ଅଧିକାର ଓ ସମ୍ମାନରେ ସମାନ ଅଟେ। କୌଣସି ପ୍ରକାର ଜାତି, ବର୍ଣ୍ଣ, ଲିଙ୍ଗ, ଭାଷା, ଧର୍ମ, ସମ୍ପତି, ଜନ୍ମଗତ ବୈଷମ୍ୟ, ରାଜନୈତିକ, ଜାତୀୟ ଓ ସାମାଜିକ ଅବସ୍ଥାର ଉର୍ଦ୍ଧ୍ୱରେ ପ୍ରତିଟି ବ୍ୟକ୍ତି ସମସ୍ତ ଅଧିକାର ଓ ସ୍ୱାଧିନତା ଉପଭୋଗ ପାଇଁ ହକ୍‌ଦାର ଅଟେ। ସମଗ୍ର ଜାତିର ଜନକ ଯୁଗପୁରୁଷ ମହାତ୍ମାଗାନ୍ଧୀ ବିଶ୍ୱର ଜଣେ ଅନନ୍ୟ ମାନବିକ ଅଧିକାରର ପ୍ରବକ୍ତା, ସଂଗ୍ରାମୀ ଏବଂ ରକ୍ଷକ ଭାବେ ସର୍ବଜନ ବିଦିତ। ବାପୁଙ୍କର ପ୍ରଥମେ ଦକ୍ଷିଣ ଆଫ୍ରିକାରେ କାର୍ଯ୍ୟାବଳୀ ଏବଂ ପରବର୍ତୀ କାଳରେ ଭାରତରେ ମାନବିକ ଅଧିକାରରୁ ବଂଚିତ ହୋଇଥିବା ଲକ୍ଷ ଲକ୍ଷ ଜନତାଙ୍କ ପାଇଁ ସେ ନିରାଶର ଅନ୍ଧାର ମଧ୍ୟରେ ଆଶାର ଉଜ୍ଜ୍ୱଳ ଆଲୋକବର୍ତୀକା ସାଜିଥିଲେ। ନିଷ୍ପେଷିତ, ନୀରବ, ସ୍ଥାଣୁ ଜନତାଙ୍କୁ ଉଜ୍ଜୀବିତ କରିବା ପାଇଁ ସେ ସଂଗଠିତ ଆନ୍ଦୋଳନ ଆରମ୍ଭ କରିବା ସହ ଜନତାଙ୍କୁ ନିର୍ଭର ହୋଇ ସେମାନଙ୍କ ଅଧିକାର ପାଇଁ ଦୃଢତାର ସହ ସ୍ୱର ଉତୋଳନ କରି ସଂଘର୍ଷ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ।

ପ୍ରିଟୋରିଆ ଯିବା ବାଟରେ ନାଟାଲର ରାଜଧାନୀ ମରିତ୍‌ସବର୍ଗ ଠାରେ ଗାନ୍ଧିଜୀଙ୍କୁ ଟ୍ରେନ୍‌ରୁ ବାହାର କରିଦେବା ଏକ ଉଲ୍ଲେଖନୀୟ ଘଟଣା ଥିଲା।

ଗାନ୍ଧିଜୀଙ୍କ ନିକଟରେ ପ୍ରଥମ ଶ୍ରେଣୀର ଟିକେଟ ଥିଲେ ମଧ ସେ କୃଷ୍ଣକାୟ ହୋଇଥିବାରୁ ତାଙ୍କୁ ରେଳଗାଡିର ଶେଷ ଡବାରେ ଯିବାକୁ ବାଧ କରାଯାଇଥିଲା। ମାତ୍ର ଗାନ୍ଧିଜୀ ପ୍ରଥମ ଶ୍ରେଣୀ ଡବାରେ ଯିବା ନିଷ୍ପତିରେ ଅଟଳ ରହିବାରୁ ତାଙ୍କୁ ପୁଲିସ୍ ଧକ୍କା ମାରି ରେଳଡବାରୁ ଓହ୍ଲାଇ ଦେଇଥିଲା। ତା'ପରେ ରେଳଗାଡି ଷ୍ଟେସନ ଛାଡି ଦେଇଥିଲା। ଷ୍ଟେସନରେ ଫୋପଡା ହୋଇଥିବା ଜିନିଷପତ୍ର ସବୁ ରେଳ କର୍ମଚାରୀମାନେ କେଉଁଠି ରଖିଥାନ୍ତି, ଗାନ୍ଧିଜୀ ସେ କଥା ଜାଣିନଥାନ୍ତି। କେବଳ ତାଙ୍କର ହ୍ୟାଣ୍ଡବ୍ୟାଗ୍‌ଟି ତାଙ୍କ ପାଖରେ ଥାଏ। ସେତେବେଳେ ପ୍ରକୃତି କୋଳରେ ଶୀତରତୁ ହୋଇଥାଏ । ଦକ୍ଷିଣ ଆଫ୍ରିକାର ମରିତସବର୍ଗ ଉଚ୍ଚ ଅଂଚଳରେ ଥିବାରୁ ସେଠାରେ ଶୀତର ପ୍ରକୋପ ପ୍ରବଳ ଦେଖା ଦେଇଥାଏ। ଗାନ୍ଧିଜୀ ଷ୍ଟେସନରେ ବିଶ୍ରାମ କକ୍ଷରେ ଏକୁଟିଆ ଅନ୍ଧାରରେ ବସି ଶୀତରେ ଥରୁଥାନ୍ତି। ତାଙ୍କର ଓଭରକୋଟ୍ ଓ ଅନ୍ୟାନ୍ୟ ଜିନିଷ ବ୍ୟାଗ୍‌ରେ ଥିଲା କିନ୍ତୁ ପୁଣି ଅପମାନ ଆଶଙ୍କାରେ ଗାନ୍ଧିଜୀ ନିଜ ଜିନିଷ ମାଗିବାର ସାହସ କରିପାରୁନଥିଲେ। ଦୁଃଖିତ ଏବଂ ଅପମାନିତ ଗାନ୍ଧିଜୀ ଗଭୀର ରାତିରେ ସେହି ବିଶ୍ରାମ କକ୍ଷରେ ବସି ନିଜ କର୍ତବ୍ୟ କଥା ଚିନ୍ତା କରୁଥିଲେ। ନିଜର ଆତ୍ମ ଜୀବନୀ "ସତ୍ୟର ପ୍ରୟୋଗ"ରେ ସେ ଲେଖିଛନ୍ତି, "ମୁଁ ମୋର ଅଧିକାର ପାଇଁ ଲଢିବି, ନଚେତ୍ ମୋ ଦେଶକୁ ଫେରିଯିବି। ମୋକଦ୍ଦମା ଛାଡି ପଳାଇବା କାପୁରୁଷତାର ଲକ୍ଷଣ। ମୋ ଉପରେ ଯେଉଁ ଅତ୍ୟାଚର କରାଗଲା, ତାହା ଗଭୀରରେ ଥିବା ଏକ ମହାରୋଗର ଲକ୍ଷଣ ମାତ୍ର, ସେ ମହାରୋଗ ହେଲା "ରଙ୍ଗ ଦ୍ୱେଷ, କଳାଗୋରା ଭେଦ। ଏହି ରୋଗକୁ ଦୂର କରିବା ପାଇଁ ମୁଁ ମୋର ସମସ୍ତ ଶକ୍ତିର ଉପଯୋଗ କରିବି ଏବଂ ସମସ୍ତ ଦୁଃଖ କଷ୍ଟ ସହି ଏହି ବର୍ଣ୍ଣ ବିଦ୍ୱେଷଙ୍କୁ ବିରୋଧ କରିବି। ଗାନ୍ଧିଜୀଙ୍କର ଏହି ପ୍ରଥମ ଦୁଃଖଦ ଅନୁଭୂତି ତାଙ୍କୁ ବ୍ୟକ୍ତିର ସମାନତାର ଅଧିକାରରୁ ଜାତି ବା ବର୍ଣ୍ଣ ଭିତରେ ବଂଚିତ କରାଯିବା ସମ୍ପର୍କରେ ଚିନ୍ତା କରିବାକୁ ବାଧ କରିଥିଲା। ଗାନ୍ଧିଜୀଙ୍କୁ ଜଣେ ସାଧାରଣ ଯୁବକରୁ ସାମାଜିକ ନ୍ୟାୟ, ମାନବିକ ଅଧିକାର ଏବଂ ଜାତିଗତ ବୈଷମ୍ୟ ବିରୁଦ୍ଧରେ ଅଂହିସାର ସଂଗ୍ରାମ ପାଇଁ ପରିବର୍ତନ କରିବାରେ ତାଙ୍କର ଦକ୍ଷିଣ ଆଫ୍ରିକାର ରହଣିକାଳ ଏକ ଅତି ଗୁରୁତ୍ୱପୂର୍ଣ୍ଣ ସମୟ ଥିଲା। କାରଣ ଦକ୍ଷିଣ ଆଫ୍ରିକାରେ ପ୍ରବେଶ କରିବା ମାତ୍ରେ ହିଁ ସେ ଜାତିଗତ ବୈଷମ୍ୟର ଶିକାର ହୋଇଥିଲେ।

ସେହିପରି ଅନ୍ୟ ଏକ ଘଟଣାରେ ନାଟାଲର କୋର୍ଟରେ ଓକିଲ ଭାବେ ଶପଥ ନେବା ଅବସରରେ ପ୍ରଧାନ ବିଚାରପତିଙ୍କ ଦ୍ୱାରା ନିଜ ମୁଣ୍ଡର ପଗଡି ବାହାର କରିଦେବାର ଆଦେଶ ଦ୍ୱାରା ଗାନ୍ଧିଜୀ ଅପମାନିତ ହୋଇଥିଲେ। 'ବର୍ଣ୍ଣ' ଦ୍ୱେଷରେ ଭାରତୀୟଙ୍କ ପ୍ରତି ହୋଇଥିବା ଅପମାନ, ଅତ୍ୟାଚରର ଗାନ୍ଧିଜୀ ନିଜେ ଶରବ୍ୟ ହେବାରୁ ତାଙ୍କର ଭାରତୀୟମାନଙ୍କ ପ୍ରତି ସମବେଦନା ତୀବ୍ର ହୋଇ ଉଠିଥିଲା। ଏପରି ଅବସ୍ଥାରେ ପରିବର୍ତନ ଆଣି କିପରି ଭାରତୀୟମାନେ ସେମାନଙ୍କର ଅଧିକାର ଓ ଆତ୍ମସମ୍ମାନ ପାଇପାରିବେ ସେମାନଙ୍କ ପାଇଁ ସେ ଚିନ୍ତିତ ହୋଇପଡିଥିଲେ। ସେ ତାଙ୍କର ଆତ୍ମକଥାରେ ଲେଖିଛନ୍ତି, "ମୁଁ ମୋର ସୀମା ବୁଝିପାରିଲି। ଡରବାନର ମାଜିଷ୍ଟ୍ରେଟ୍‌ଙ୍କ ଇଜଲାସ୍‌ରେ ଯେଉଁ ପଗଡି ପିନ୍ଧିବାକୁ ମୁଁ ଆଗ୍ରହ ପ୍ରକାଶ କରୁଥିଲି। ଏଠାରେ ସେହି ପଗଡି ବାହାର କରିଦେଲି। ଏପରି ପଗଡି ବାହାର କରିଦେବା ବିରୁଦ୍ଧରେ ସ୍ୱର ଉତୋଳନ କରିବା ଅପେକ୍ଷା ଆଗକୁ ଆସୁଥିବା ଲଢେଇ ପାଇଁ ଶକ୍ତି ତଥା ମାନସିକତା ଦୃଢ କରିବାକୁ ପଡିବ।" ଏହିପରି ତାଙ୍କ ଜୀବନର ଅନେକ ଘଟଣା ଗାନ୍ଧିଜୀଙ୍କୁ ଦୁର୍ବଳ କରିବା ପରିବର୍ତେ ଅଧିକ ସବଳ କରିଥିଲା। ସେ ଦକ୍ଷିଣ ଆଫ୍ରିକାରେ ରହି ସାମାଜିକ ନ୍ୟାୟ ଓ ମୌଳିକ ମାନବିକ ଅଧିକାର ପାଇଁ ସଂଘର୍ଷ କରିଥିଲେ ଏବଂ ସେଥିରେ ସଫଳ ମଧ ହୋଇଥିଲେ। ସମସ୍ତ ଅନ୍ୟାୟ ବିରୁଦ୍ଧରେ ସେ କେବଳ ଅହିଂସା ମାର୍ଗ ଅବଲମ୍ବନ କରିଥିଲେ। ମାନବର ସ୍ୱାଭିମାନ ଓ ସ୍ୱାଧିନତା ପାଇଁ ଗାନ୍ଧିଜୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସଂଗ୍ରାମରେ ଯେ କେବଳ ସ୍ୱାଧିନତା ସଂଗ୍ରାମୀମାନେ ଗଭୀରଭାବେ ପ୍ରଭାବିତ ହୋଇଥିଲେ ତା' ନୁହେଁ ବରଂ ଏହା ସହ ସମଗ୍ର ବିଶ୍ୱରେ ମାନବିକ ଅଧିକାର ସପକ୍ଷବାଦୀ କର୍ମୀମାନେ ମଧ ଉତ୍ସାହିତ ହୋଇଥିଲେ। ଅସ୍ପୃଶ୍ୟତା ଉଚ୍ଛେଦ, ମନ୍ଦିର ଏବଂ ଦେବ ଉପାସନା ପୀଠମାନଙ୍କରେ ହରିଜନମାନଙ୍କ ପ୍ରବେଶ ମାନବିକ ଅଧିକାର ଆନ୍ଦୋଳନର ସର୍ବ ପ୍ରଥମ ମାଇଲଖୁଂଟ ଥିଲା। ମାନବିକ ଅଧିକାର ଓ ନ୍ୟାୟ ହାସଲ କ୍ଷେତ୍ରରେ ଗାନ୍ଧିଜୀଙ୍କର ସତ୍ୟାଗ୍ରହ ଥିଲା ଏକ ପ୍ରମୁଖ ଅସ୍ତ୍ର। ଆନ୍ଦୋଳନକୁ ଅହିଂସା ମାର୍ଗରେ ନେବା ପାଇଁ ଗାନ୍ଧିଜୀ ଏକ ନୂଆ ଶବ୍ଦ ପ୍ରଥମ ଥର ପାଇଁ ପ୍ରୟୋଗ କରିଥିଲେ ଯାହା ଥିଲା 'ସତ୍ୟାଗ୍ରହ'। ମାତ୍ର ଆଜିର ସମାଜରେ ସତ୍ୟପ୍ରତି ଆଗ୍ରହ ଆଉ ନ ଥିବା ବ୍ୟକ୍ତିବିଶେଷଙ୍କ 'ସତ୍ୟାଗ୍ରହ' ନାମକୁ କଳୁଷିତ କରୁଛନ୍ତି। ସମଗ୍ର ବିଶ୍ୱରେ କେବଳ ସର୍ବଜ୍ଞ ଈଶ୍ୱରଙ୍କଛଡା ଆମେ ଆଉ କାହାକୁ ଭୟ ନ କରି ନିଜ କାର୍ଯ୍ୟକୁ ସତ୍ୟ ଓ ଅଂହିସା ମାର୍ଗରେ ଆଗେଇ ନେଲେ ଅମ୍ଭ ବିଜୟ ସୁନିଶ୍ଚିତ।

ଗାନ୍ଧିଜୀ ପୂର୍ଣ୍ଣ ସ୍ୱରାଜର ସମ୍ପର୍କରେ ନିଜର ସ୍ପଷ୍ଟ ମତରଖି କହିଛନ୍ତି 'ପୂର୍ଣ୍ଣ'ର ଅର୍ଥ ହେଉଛି ରାଜା ଏବଂ ପ୍ରଜା, ଧନୀ ଓ ଦରିଦ୍ର, ହିନ୍ଦୁ, ମୁସଲମାନ, ପାର୍ସି, ଖ୍ରୀଷ୍ଟିଆନ, ଜୈନ, ଶିଖ, ସମସ୍ତିଙ୍କ ପାଇଁ ଜାତି ଧର୍ମ ବା ଜୀବନ ଧାରଣାର ମାନର ଉର୍ଦ୍ଧ୍ୱରେ ସମାନ ଅଧିକ, ସୁବିଧା, ସୁଯୋଗ ନିତ୍ୟାନ୍ତ ଆବଶ୍ୟକ। ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ମାନବିକ ଅଧିକାର ପାଇଁ ଗାନ୍ଧିଜୀଙ୍କ ପ୍ରଦର୍ଶିତ ମାର୍ଗରେ ଲକ୍ଷ ହାସଲ ପାଇଁ ଅନେକ ସଂଗ୍ରାମୀ ଉଦ୍ୟମ କରି ସଫଳତା ହାସଲ କରିଛନ୍ତି। ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ତା'ର ଅଧିକାର ପ୍ରଦାନ କରିବା ଶାସକର ପ୍ରଥମ କର୍ତବ୍ୟ ହେବା ଦରକାର।

ସ୍ତମ୍ଭକାର ତଥା ସମ୍ପାଦକ, ମାର୍ଗଦର୍ଶୀ,
ମେନ୍ ରୋଡ୍, ଖୋର୍ଦ୍ଧା
ମୋ ନଂ-୬୩୭୦୬୭୫୫୬୨

# ପୂର୍ବ ଭାରତର ଶିଳ୍ପ କେନ୍ଦ୍ର ଓଡ଼ିଶା



ଅଲେଖ ଚନ୍ଦ୍ର ସାମଲ

ଓଡ଼ିଶାର ଦ୍ରୁତ ଶିଳ୍ପାୟନ ଆଜି କେବଳ ଭାରତ ଭିତରେ ନୁହେଁ ବିଶ୍ୱ ଶିଳ୍ପ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚିତି ଓ ଗୌରବ ହାସଲ କରିଛି। ସରକାର ରୂପାନ୍ତରଣ କାର୍ଯ୍ୟକ୍ରମ ଭିତରେ ଏହି କ୍ଷେତ୍ରକୁ ମଧ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଓଡ଼ିଶାର ଖଣି, ଶକ୍ତି, କୃଷି କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ନୀତି ହୋଇଛି। ଯାଜପୁର କଳିଙ୍ଗ ନଗରରେ ଷ୍ଟିଲ ହବ, ପାରଦ୍ୱୀପ ପେଟ୍ରୋକେମିକାଲ ହବ, ସମ୍ବଲପୁର ଓ ରେଙ୍ଗାଲି ଷ୍ଟିଲ ଏବଂ ଆଲୁମିନିୟମ ହବ ହେବାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗୋପାଳପୁର ହେବ ଅକ୍ଷୟ ଶକ୍ତି ଉତ୍ପାଦନ ହବ। ପୁଞ୍ଜି ନିବେଶ ପୋର୍ଟାଲରେ ଆବେଦନ କଲେ ୬୦ ଦିନ ଭିତରେ ଅନୁମତି ମିଳିବାକୁ ବାଧ୍ୟ ପ୍ରକଳ୍ପ ପାଇଁ ପୁଞ୍ଜି ନିବେଶରେ ଓଡ଼ିଶା ପ୍ରଥମ ସ୍ଥାନରେ ଅଛି, ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଜାତୀୟ ହାର ୨୧-୨୨ ପ୍ରତିଶତ ଥିବାବେଳେ ଓଡ଼ିଶାରେ ୪୦ ପ୍ରତିଶତ ରହିଛି ବୋଲି ଗତ ବିଧାନସଭା ପ୍ରଶ୍ନକାଳରେ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ସଦସ୍ୟ ମାନଙ୍କର ପ୍ରଶ୍ନର ଉତ୍ତର ଦେଇ କହିଥିଲେ।

ଓଡ଼ିଶାର ଶିଳ୍ପନୀତି ପ୍ରତି ଆକୃଷ୍ଟ ହୋଇ ଅନେକ ନିବେଶକାରୀ ଆସିଛନ୍ତି, ସେମାନଙ୍କ ଭିତରୁ ବାସ୍ତବରେ କିଛି ଶିଳ୍ପ କରିଛନ୍ତି ଆଉ କିଛି ପରୋକ୍ଷ ଭାବେ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି। ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ଦେବ ସୂଚନା ଦେଇଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଶିଳ୍ପ ଓଷ୍ଟାର୍ଟଅପ୍ ଭଳି ପ୍ରାୟ ୨୧ଟି ନୀତି ପ୍ରଣୟନ କରାଯାଇଛି। ଯାହାକି ରାଜ୍ୟରେ ସ୍ୱତନ୍ତ୍ର ଶିଳ୍ପ ଅନୁକୂଳ ପରିବେଶ ସୃଷ୍ଟି କରିବା ସହିତ ନିବେଶକାରୀମାନେ ଆକୃଷ୍ଟ ହେଉଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ମେକ ଇନ ଓଡ଼ିଶାର ତିନୋଟି ସଂସ୍କରଣ କରାଯାଇଛି। ଏହି ସଂସ୍କରଣ ଗୁଡ଼ିକରେ ବିଭିନ୍ନ ଶିଳ୍ପ ଉଦ୍ୟୋଗୀଙ୍କ ଠାରୁ ଯେଉଁ ଆଗ୍ରହ ଓଡ଼ିଶାକୁ ଆସିଛି ତାହାର ୪୦ ପ୍ରତିଶତ କାର୍ଯ୍ୟାନ୍ୱୟନ ହେଉଛି, ଯାହାକି ସର୍ବଭାରତୀୟ ସ୍ତରରେ ଓଡ଼ିଶା ଏ କ୍ଷେତ୍ରରେ ଏକ ନମ୍ବର ସ୍ଥାନରେ ରହିଛି।

କିଛିଦିନ ତଳେ ଜାତୀୟ ଗଣମାଧ୍ୟମର ଏକ ଖବର ଓଡ଼ିଶା ପାଇଁ ଗର୍ବର ପ୍ରସଙ୍ଗ ଥିଲା। ଏହି ଖବର ମୁତାବକ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆରମ୍ଭ କରି କେନ୍ଦ୍ର ଶିଳ୍ପମନ୍ତ୍ରୀ ମୋହର ମାରିଛନ୍ତି ଯେ ଓଡ଼ିଶା ପୂର୍ବ ଭାରତର ଏକ ନମ୍ବର ଶିଳ୍ପପୁଞ୍ଜୀ। ଯେଉଁ ତାଲିକା ପ୍ରସ୍ତୁତ ହୋଇଛି ସେଥିରୁ ଜଣାପଡ଼ିଛି ଯେ ରପ୍ତାନୀରେ ଦେଶର ଶ୍ରେଷ୍ଠ ୨୫ ଜିଲ୍ଲାରୁ ଝାରସୁଗୁଡ଼ା ୨୩ତମ ସ୍ଥାନରେ ଅଛି। ୮୪୮ ବୃହତ ଶିଳ୍ପକୁ ମିଳିଛି ଅନୁମୋଦନ। ଏଥିରୁ କିଛି ଶିଳ୍ପ ଆରମ୍ଭ ହେଲାଣି। ଯେଉଁଥିରେ ୨୧ଲକ୍ଷ ୭୩ ହଜାର ୮୭୧ ଦଶମିକ ୩୪ କୋଟି ନିବେଶ ହେଉଛି। ଏଥିରେ ୯ଲକ୍ଷ ୧୪ ହଜାର ୮୯୫ ନିଯୁକ୍ତି ସୃଷ୍ଟି ହେବା ପ୍ରତି ଦୁଇ ବର୍ଷରେ ଥରେ ମେକ ଇନ ଓଡ଼ିଶା କାର୍ଯ୍ୟକ୍ରମ ହେଉଛି। ଗତ ୨୦୨୨ ମେକ ଇନ ଓଡ଼ିଶଶରେ ୭୪୧ଟି ପ୍ରସ୍ତାବ ରାଜ୍ୟକୁ ଆସିଛି। ଯେଉଁଥିରୁ ୫୬୬ ପ୍ରକଳ୍ପ ମଞ୍ଜୁରୀ ପାଇଛି। ଅନେକ ଶିଳ୍ପ ସଂସ୍ଥାକୁ ଜମି ହସ୍ତାନ୍ତର ସରି କାମ ଆରମ୍ଭ ହେଲାଣି। ଓଡ଼ିଶାର ଷ୍ଟାର୍ଟଅପ ନୀତି ଏଥିରେ ବଡ଼ ଭୂମିକା ନେଉଛି।

ଓଡ଼ିଶାକୁ ପୂର୍ବଭାରତର ଇଣ୍ଡଷ୍ଟ୍ରିଆଲ ହବରେ ପରିଣତ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ନେଉଛନ୍ତି। ରାଜ୍ୟର ଶିଳ୍ପ ଅନୁକୂଳ ନୀତି, ଆଇନ ଶୃଙ୍ଖଳା ପରିସ୍ଥିତି, କଞ୍ଚାମାଲର ଉପଲବ୍ଧତା, ଏକକ ବାତାୟନ ମଞ୍ଜୁରୀ ବ୍ୟବସ୍ଥା ସହ ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ସରକାରୀ ରିହାତି ଓ ମେକ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ନିବେଷକଙ୍କୁ ଓଡ଼ିଶା ପ୍ରତି ଆକର୍ଷିତ କରିଛି। ପରିଣତି ସ୍ୱରୂପ ଆଗାମୀ ଦିନରେ ଓଡ଼ିଶା ଦେଶର ଶିଳ୍ପ ମାନଚିତ୍ରରେ ପ୍ରମୁଖ ସ୍ଥାନ ହାସଲ କରିବାକୁ ଯାଉଛି। ରାଜ୍ୟ ସ୍ତରୀୟ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ମାଧ୍ୟମରେ ଏଯାବତ୍ ୮୪୮ଟି ବୃହତ୍ତ ଶିଳ୍ପ ପ୍ରକଳ୍ପକୁ ରାଜ୍ୟ ସରକାର ଅନୁମୋଦନ ପ୍ରଦାନ କରିଛନ୍ତି। ଯେଉଁଥିରେ ୨୧୭୩୦୦୦ କୋଟି ଟଙ୍କା ନିବେଶ ହେବ ଓ ୯୧୪୮୯୫ ଯୁବକ ଯୁବତୀ କର୍ମ ସଂସ୍ଥାନ ପାଇବେ। ଏହାଦ୍ୱାରା ନିଯୁକ୍ତି ସୁଯୋଗ ଦ୍ୱାରା ରାଜ୍ୟର ଯୁବ ବର୍ଗ ବେଶ ଉପକୃତ ହେବା ସହ ରାଜ୍ୟର ଅର୍ଥନୈତିକ ବିକାଶ ନୂଆ ଉଚ୍ଚତାରେ ପହଞ୍ଚି ପାରିବ। ଏ କ୍ଷେତ୍ରରେ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ଶିଳ୍ପ ଅଭିବୃଦ୍ଧି କାର୍ଯ୍ୟକ୍ରମ ହେଉଛି ବଡ଼କଥା। ରାଜ୍ୟ ସରକାର ନିକଟ ଅତୀତରେ ୨୪ଟି ଶିଳ୍ପ ଅନୁକୂଳ ନୀତି ପ୍ରଣୟନ କରିଛନ୍ତି। ଷ୍ଟାର୍ଟଅପ ନୀତି, ଏମଏସଏମଇ ଉନ୍ନୟନ, ବନ୍ଦର ନୀତି, ପର୍ଯ୍ୟଟନ ନୀତି, ଅକ୍ଷୟ ଶକ୍ତି ନୀତି, ଲଜେଷ୍ଟିକ ନୀତି, ଖାଦ୍ୟ ପ୍ରକ୍ରିୟା କରଣ, ବାୟୋଟେକ୍ନୋଲୋଜି, ହେଲଥ କେୟାର, ଫାର୍ମାସ୍ୟୁଟିକାଲ ନୀତି ରାଜ୍ୟରେ ନିବେଶ କରିବା ପାଇଁ ପ୍ରକୃଷ୍ଟ ବାତାବରଣ ଓଡିଶାରେ ମିଳୁଛି। ସେହିପରି ଇଜ ଅଫ ଡୁଇଙ୍ଗ ବିଜିନେସରେ ସହଯତା ଆଣିବା ପାଇଁ ଗୋ ସ୍ୱିଫ୍ଟ ଗୋ କେୟାର, ଗୋ ସ୍ମାଇଲ, ଗୋ ଆଇପ୍ଲସ, ଗୋ ଆଇପାସ ପରି ବିଭିନ୍ନ ଅନଲାଇନ ପୋର୍ଟାଲ ନିବେଶକଙ୍କୁ ଓଡ଼ିଶା ମୁହାଁ କରିପାରିଛି। ବିଶେଷ କରି ଗୋ ସ୍ୱିଫ୍ଟ ପୋର୍ଟାଲରେ ମାତ୍ର ୨୧ ଦିନ ମଧରେ ୧୫ଟି ବିଭାଗ ଦ୍ୱାରା ଆବଶ୍ୟକୀୟ ଅନୁମୋଦନ ମିଳିଯାଉଛି। ଏପରି ବ୍ୟବସ୍ଥା ସହ କଞ୍ଚାମାଲର ସହଜରେ ଉପଲବ୍ଧତା ପାଇଁ ଆଜି ଓଡ଼ିଶା ନିବେଶକଙ୍କ ପାଇଁ ପସନ୍ଦର ସ୍ଥାନ ପାଲଟିଛି। ସେହିପରି ଗତ ବର୍ଷ ପୁଞ୍ଜିନିବେଶ ଆକୃଷ୍ଟ କରିବାରେ ଓଡ଼ିଶା ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି। ଏହାର ସଫଳତାର ଶ୍ରେୟର କାରଣ ହେଉଛି ରାଜ୍ୟରେ ରାଜନୈତିକ ସ୍ଥିରତା, ଦକ୍ଷ ଶ୍ରମ ଶକ୍ତିଙ୍କ ସହ କୁଶଳୀ ଶ୍ରମଶକ୍ତି। ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଯେଉଁ ବୃହତ୍ତ ଶିଳ୍ପକୁ ମଞ୍ଜୁରୀ ଦେଇଛନ୍ତି ତା ଭିତରେ କେବଳ ୨୧୦ଟି ହେଉଛି ଷ୍ଟିଲ ଓ ପେଲେଟ ପ୍ରକଳ୍ପ। ଯାହାଦ୍ୱାରା ଆଗାମୀ ଦିନରେ ପ୍ରାୟ ଚାରି ଲକ୍ଷରୁ ଉର୍ଦ୍ଧ୍ୱ ନିଯୁକ୍ତି ସମ୍ଭବ ହୋଇପାରିବ। ସେହିପରି ବିଭିନ୍ନ ଅଞ୍ଚଳକୁ ସ୍ୱତନ୍ତ୍ର ଭାବେ ଶିଳ୍ପ କୈନ୍ଦ୍ରିକ କରି ଏହି ବିକଶିତ ଅଞ୍ଚଳକୁ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ମଧ ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ଆଗାମୀ ଦିନରେ ଭୁବନେଶ୍ୱରର ଇନଫୋସିଟି ଓ ଇନଫୋଭ୍ୟାଲି, ଡୋରଶ ସ୍ଥିତ ସିଫୁଡ଼ ପାର୍କ, ଅନୁଗୁଳର ଆଲୁମିନିୟମ ପାର୍କ, ଭଦ୍ରକରେ ଟେକ୍ସଟାଇଲ ପାର୍କ, ଧାମରା ଓ ପାରାଦ୍ୱୀପରେ ପିସିପିଆଇ ଆଦି ଆଗାମୀ ଦିନରେ ସ୍ୱତନ୍ତ୍ର ଭାବେ ବିକଶିତ ଶିଳ୍ପ କେନ୍ଦ୍ରିକ ଅଞ୍ଚଳ ଭାବେ ଓଡ଼ିଶାର ଶିଳ୍ପ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ପାଇବ। ଓଡ଼ିଶାରେ ବ୍ୟାପକ ଶିଳ୍ପାୟନ କ୍ଷେତ୍ର ସମସ୍ତ କେବଳ ଜିଲ୍ଲା ନୁହେଁ ଉପାନ୍ତ କ୍ଷେତ୍ରରେ ପହଞ୍ଚି ଭିତ୍ତିଭୂମିକୁ ବେଶ ସୁଦୃଢ଼ କରୁଛି।

ପୂର୍ବତନ ଡିଏଫ୍‌ଓ , ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୪୩୭୨୫୬୭୧୨୩

# ଚକ୍ରବ୍ୟୁହରେ ପୁରୁଷ



ସୁବାସ କୁମାର ତାରଣିଆଁ

ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ହୋଇଥିଲେ ମଧ ନାରୀ ଅବଳା, ଦୁର୍ବଳା ବୋଲି ଆମ ସମାଜରେ ପ୍ରଚଳିତ ରହିଆସିଛି। ସମାଜରେ ପ୍ରତି ମୁହୂର୍ତ୍ତରେ ମହିଳାମାନେ ପୁରୁଷମାନଙ୍କ ଦ୍ୱାରା ନିର୍ଯ୍ୟାତିତ ଓ ଅବହେଳାର ଶିକାର ହୋଇ ଆସୁଛନ୍ତି ବୋଲି ବାରମ୍ବାର ଦାବି ହେବା ଫଳରେ ଏହାକୁ ରୋକିବା ପାଇଁ ମହିଳା ସଶକ୍ତିକରଣ ଓ ମହିଳା କମିଶନ ଗଠନ ହୋଇଛି। ଏହା ନାରୀ ନିର୍ଯ୍ୟାତନାକୁ ରୋକିବା ଏବଂ ମହିଳାମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା, ସେମାନଙ୍କୁ ଆତ୍ମସମ୍ମାନ ଓ ସ୍ୱାଭିମାନର ସହ ବଞ୍ଚିବା ପାଇଁ ପ୍ରେରଣା ଯୋଗାଇ ଆସଛି। ଏଥିପାଇଁ ରାଜ୍ୟ ସରାକର ମଧ ପୂର୍ଣ୍ଣମାତ୍ରାରେ ସହଯୋଗର ହାତ ବଢାଇ ଆସିଛନ୍ତି। ଅନେକ ସାମାଜିକ ଅନୁଷ୍ଠାନ, ବ୍ୟକ୍ତିବିଶେଷ ମହିଳାମାନଙ୍କ ସାମାଜିକ, ରାଜନୈତିକ, ପାରିବାରିକ ଓ ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସଂଗ୍ରାମ ଜାରି ରଖିଛନ୍ତି ଯାହା ଦେଶ ତଥା ରାଜ୍ୟ ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ଏହି ଆଇନ୍‌ର ଗଳାବାଟ ଅତିକ୍ରମ କରି ମହିଳାମାନେ ପୁରୁଷମାନଙ୍କ ଉପରେ ନିର୍ଯ୍ୟାତନା ଓ ଅତ୍ୟାଚର କରିବାକୁ ପଛାଉ ନାହାଁନ୍ତି। ଫଳରେ ମହିଳାମାନଙ୍କ ପରି ପୁରୁଷମାନେ ଏବେ ନିର୍ଯ୍ୟାତନାର ଶିକାର ହୋଇଚାଲିଛନ୍ତି। ଯାହାର ଅନେକ ଘଟଣା ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଲୋଚନକୁ ଆସିପାରିଛି। ଦାମ୍ପତ୍ୟ ଜୀବନରେ ମହିଳାମାନଙ୍କ ପରି ପୁରୁଷମାନେ ମଧ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ବିବାହିତ ପୁରୁଷମାନେ ଘରୋଇ ହିଂସାର ଶିକାର ହୋଇ ଆତ୍ମହତ୍ୟା କରିବା ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ମାତ୍ର ପୁରୁଷମାନଙ୍କ ଅଭିଯୋଗ ଶୁଣିବାକୁ କୌଣସି ବ୍ୟବସ୍ଥା ନାହିଁ କି କୌଣସି ସଂଗଠନ ତିଆରି ହୋଇନାହିଁ। ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ୨୦୨୧ ମସିହା ତଥ୍ୟ ଅନୁଯାୟୀ ୩୩୨ ପ୍ରତିଶତ ପୁରୁଷ ପାରିବାରିକ ହିଂସା ଯୋଗୁ ମୃତ୍ୟୁବରଣ କରୁଛନ୍ତି। ସେଥିମଧ୍ୟରୁ ୪୮ ପ୍ରତିଶତ ଦାମ୍ପତ୍ୟ ଜୀବନରେ ହିଂସାର ଶିକାର ହୋଇ ମୃତ୍ୟୁବରଣ କରୁଥିବା ବେଳେ ଚଳିତବର୍ଷ ୧ ଲକ୍ଷ ୧୮ ହଜାର ୯୭୯ଜଣ ପୁରୁଷ ଆତ୍ମହତ୍ୟା କରିଛନ୍ତି ଯାହାକି ୭୨ ପ୍ରତିଶତ ଅଟେ। ସେହିପରି ୪୫ ହଜାର ୨୬ ମହିଳା ଆତ୍ମହତ୍ୟା କରିଛନ୍ତି ଯାହାକି ୨୭ ପ୍ରତିଶତ ଅଟେ। ଏହାକୁ ଅନୁଧ୍ୟାନ କଲେ ମହିଳାଙ୍କ ମୃତ୍ୟୁ ଅପେକ୍ଷା ପୁରୁଷଙ୍କ ମୃତ୍ୟୁହାର ଅଧିକ। ତେଣୁ ମହିଳାଙ୍କ ଠାରୁ ପୁରୁଷମାନେ ଯେ ଅଧିକ ନିର୍ଯ୍ୟାତନାର ଶିକାର ହେଉଛନ୍ତ, ଏହାକୁ ମାନିନେବାକୁ ହେବ। ଏଥିଲାଗି ଜାତୀୟ ପୁରୁଷ କମିଶନ ଗଠନ ପ୍ରସ୍ତାବ ପାରିତ ହୋଇଥିଲେ ମଧ ଏହାକୁ ସୁପ୍ରମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଏହାର ପିଟିସନ ଉପରେ ଶୁଣାଣି କରି ଖଣ୍ଡପୀଠ କହିଥିଲେ ଯେ, ପୁରୁଷମାନଙ୍କ କ୍ଷେତ୍ରରେ ହେଉଥିବା ଘରୋଇ ହିଂସାର ଯେ ପ୍ରତିକାର ନାହିଁ ତାହା ନୁହେଁ, ଆଇନରେ ଏହାକୁ ରୋକିବା ପାଇଁ ଅନେକ ବ୍ୟବସ୍ଥା ରହିଛି, ତେଣୁ ଜାତୀୟ ପୁରୁଷ କମିଶନ ଗଠନର କୌଣସି ଆବଶ୍ୟକତା ନାହିଁ।

୨୦୨୦ ମସିହା ମାର୍ଚ୍ଚ ମାସରେ ମହାମାରୀ କରୋନା ଭୟଙ୍କର ରୂପ ଧାରଣ କରିଥିବା ସମୟରେ ରାଜମହଲ ଛକରେ ମାସ୍କ ଚେକିଂ ଚାଲିଥିଲା। ଜଣେ ଯୁବକ ମାସ୍କ ପିନ୍ଧିନଥିବାରୁ ସେଠାରେ ଉପସ୍ଥିତ ଥିବା ଟ୍ରାଫିକ୍ କର୍ମଚାରୀମାନେ ଯୁବକଙ୍କୁ ଅଟକାଇଥିଲେ। ଯୁବକଜଣକ ହେଲ୍‌ମେଟ ପିନ୍ଧିଥିଲେ, ଗାଡ଼ି କାଗଜପତ୍ର ଦେଖାଇଥିଲେ ଏବଂ ଏକ ଜରୁରୀ କାମରେ ଡ଼ାକ୍ତରଖାନା ଯାଉଥିବାରୁ ଭୁଲ୍‌ବଶତଃ ମାସ୍କ ପିନ୍ଧିବାକୁ ଭୁଲିଯାଇଥିଲେ ବୋଲି ଅନୁରୋଧ କରିଥିଲେ ମଧ ଟ୍ରାଫିକ୍ କର୍ମଚାରୀ ଯୁବକଜଣଙ୍କ ଗାଡିରୁ ଚାବି କାଢିନେଇ ଜୋରିମାନା ଦେବାକୁ ବାଧ କରୁଥିବା ସମୟରେ ଜଣେ ମହିଳା ବିନା ହେଲମେଟରେ ଓ ବିନା ମାସ୍କରେ ଏବଂ ଭୁଲ୍ ରାସ୍ତା ଦେଇ ଅଫିସ୍ ଯାଉଥିବା ସମୟରେ ଟ୍ରାଫିକ୍ କର୍ମଚାରୀ ତାଙ୍କୁ ଅଟକାଇଥିଲେ। ଏଇ ପାଖରେ ମୋର ଅଫିସ୍ ତେଣୁ ଏହି ରାସ୍ତା ଦେଇ ଅଫିସ୍ ଯାଉଛି ବୋଲି ମହିଳାଜଣଙ୍କ କହିଥିଲେ। ତେବେ ମାସ୍କ ପିନ୍ଧିନଥିବାରୁ ଜୋରିମାନା ଦେବାକୁ ପଡ଼ିବ କହିବାରୁ ମହିଳାଜଣକ ଜୋରିମାନା ଦେବା ବଦଳରେ ଟ୍ରାଫିକ୍ କର୍ମଚାରୀଙ୍କ ଉପରେ ରାଗିଯାଇ ବହେ ଗାଳି ଗୁଲଜ କରିଥିଲେ। ସେ ଯୁକ୍ତି କରିଥିଲେ ଯେ, ମୁଁ ହେଲ୍‌ମେଟ ପିନ୍ଧିବିନି, ମାସ୍କ ବ୍ୟବହାର କରିବିନି, ଯଦି କିଛି କ୍ଷତି ହୁଏ ତେବେ ମୋର ହେବ, ତମର ଯାଏ କେତେ ଆସେ କେତେ କହି ଟ୍ରାଫିକ୍ ପୋଲିସଙ୍କ ସହ ଯୁକ୍ତିତର୍କ କରିଥିଲେ ମଧ ସମସ୍ତେ ନୀରବଦ୍ରଷ୍ଟା ସାଜି ଘଟଣାକୁ ଉପଭୋଗ କରୁଥିଲେ। ଏହାପରେ ଯୁବକଜଣକ ଜୋରିମାନା ଦେଇଥିଲେ ମଧ ମହିଳାଜଣକ ଜୋରିମାନା ନଦେଇ ସେଠାରୁ ଚାଲି ଯାଇଥିଲେ।

୨୦୨୧ ମସିହା ସେପ୍ଟେମ୍ବର ମାସ, ରାତି ପ୍ରାୟ ୧୦ଘଟିକା ସମୟରେ ଜଣେ ଯୁବତୀ ତାଙ୍କର ପୁରୁଷବନ୍ଧୁଙ୍କ ସହିତ ପ୍ରଚୁର ମଦ୍ୟପାନ କରି ବାଣୀବିହାର ଓଭରବ୍ରିଜ ଦେଇ ଦ୍ରୁତଗତିରେ ଆସୁଥିବା ସମୟରେ ଜଣେ ଯୁବକଙ୍କ ଗାଡ଼ିକୁ ଧକା ଦେଇଥିଲେ। ଏଥିରେ ଯୁବକଙ୍କ ଗାଡ଼ିଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିଲା ଓ ସେ କ୍ଷତାକ୍ତ ହୋଇ ରାସ୍ତାରେ ପଡ଼ିଥିବା ବେଳେ ଯୁବତୀଜଣକ ହଠାତ୍ ରାଗିଯାଇ ଯୁବକଙ୍କ ଗାଲରେ ଚାପୁଡ଼ା ପରେ ଚାପୁଡ଼ା ମାରିଥିଲେ। ଯୁବକ ଜଣକ ରାସ୍ତାରୁ ଉଠି କ'ଣ ପାଇଁ ମୋତେ ପିଟୁଛନ୍ତି ବୋଲି ପ୍ରତିବାଦ କରିବାରୁ ଉଭୟ ଯୁବତୀ ଏବଂ ତାଙ୍କର ପୁରୁଷବନ୍ଧୁ ମିଶି ତାଙ୍କୁ ମାଡ଼ ମାରି ଚାଲିଥିଲେ। ୭, ଅଗଷ୍ଟ ୨୦୨୧ ବାଲକାଟି ଫାଣ୍ଡି ଅଞ୍ଚଳରେ ପରିକ୍ରିୟା ପ୍ରୀତି ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଯୁବକଜଣକ ନିଆଳି ଅଞ୍ଚଳର ଜନୈକ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛି ମାସ ପରେ ଯୁବତୀଜଣକ ଅନ୍ୟ ଜଣେ ଯୁବକଙ୍କ ସହ ସମ୍ପର୍କ ରଖି ଫୋନ୍‌ରେ ସବୁବେଳେ କଥାବାର୍ତ୍ତା ହେଉଥିଲେ। ଏଥିରେ ତାଙ୍କ ସ୍ୱାମୀଙ୍କର ସନ୍ଦେହ ହେବାରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେଇ ବିଭିନ୍ନ ସମୟରେ ଝଗଡ଼ା ହେଉଥିଲା। ସେଦିନ ରାତିରେ ଉଭୟେ ସ୍ୱାମୀ ଓ ସ୍ତ୍ରୀ ଶୋଇବା ଘରେ ବିଶ୍ରାମ ନେଇଥିଲେ। ହଠାତ୍ ରାତି ୧୦ଟା ସମୟରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାର ୧୫ ମିନିଟ୍ ପରେ ଶୋଇବା ଘରୁ ତାଙ୍କ ସ୍ୱାମୀଙ୍କ ମୃତଦେହ ମିଳିଥିଲା। ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ମୃତ ଯୁବକଙ୍କ ସ୍ତ୍ରୀ କହିଥିଲେ। ମାତ୍ର ତାଙ୍କ ଶ୍ୱଶୁର ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରିଥିଲେ। ପୋଲିସ୍ ଏହାର ତଦନ୍ତ କରିଥିଲେ ଏବଂ ଶବ ବ୍ୟବଚ୍ଛେଦ ପରେ ଯୁବକଙ୍କ ମୁଣ୍ଡ ଏବଂ ସମ୍ବେଦନଶୀଳ ଅଙ୍ଗକୁ ଗଭୀର ଆଘାତ ଲାଗିଥିବାରୁ ତାଙ୍କ ମୃତ୍ୟୁ ଘଟିଥିଲା ଏବଂ ପରକ୍ରିୟା ପ୍ରୀତି ଯୋଗୁଁ ଏହି ହତ୍ୟାକାଣ୍ଡ ଘଟିଥିବା ଗଣମାଧ୍ୟମରୁ ଜଣାପଡ଼ିଥିଲା ।ସେହିପରି ୨୦୨୨, ଜାନୁୟାରୀ ୧୯ ତାରିଖରେ ଟ୍ରାଫିକ୍ ପୋଲିସ୍‌ଙ୍କ ସମ୍ମୁଖରେ ଜଣେ ଯୁବତୀଙ୍କ ହାଇଡ୍ରାମା ଦେଖିବାକୁ ମିଳିଥିଲା। ଜଣେ ଯୁବକଙ୍କ ଗାଡ଼ି ତାଙ୍କ ଗାଡ଼ିରେ ପିଟି ହୋଇଯିବାରୁ ଯୁବତୀଜଣକ ରାଗିଯାଇ ଯୁବକଙ୍କୁ ପଟି ଚାଲିଥିଲେ। ଘଟଣାଟି ଘଟିଥିଲା ନାଲକୋ ଛକରେ। ଟ୍ରାଫିକ୍ ସିଗ୍‌ନାଲ ଦେବା ପୂର୍ବରୁ ଯୁବତୀଜଣକ ରାସ୍ତା ଅତିକ୍ରମ କରୁଥିବାରୁ ସବୁଜ ସଙ୍କେତ ପଟୁ ଆସୁଥିବା ଜଣେ ଯୁବକଙ୍କ ଗାଡ଼ି ତାଙ୍କୁ ଧକା ଦେଇଥିଲା। ଯଦିଓ ଏଥିରେ କାହାର କିଛି କ୍ଷତି ହୋଇନଥିଲା, କିନ୍ତୁ ଯୁବତୀଜଣକ ରାଗିଯାଇ ସର୍ବସମ୍ମୁଖରେ ଯୁବକଙ୍କୁ ପିଟି ଚାଲିଥିଲେ। ଯୁବତୀଙ୍କ ଭୁଲ୍ ଥିଲେ ମଧ ଟ୍ରାଫିକ୍ ପୋଲିସ୍ ଯୁବକଙ୍କୁ କାବୁ କରି ତାଙ୍କ ବାଇକ ଚାବି ଛଡ଼ାଇ ନେଇଥିଲେ। ଏହି ଘଟଣାରେ ଉପସ୍ଥିତ ଥିବା କୌଣସି ଜନତା ଯୁବତୀଙ୍କୁ ପ୍ରତିବାଦ କରିବାର ସାହସ ଜୁଟାଇ ନଥିଲେ, ବରଂ ପୋଲିସ୍‌ଠୁ ମୁକୁଳିଲା ପରେ ଯୁବକଙ୍କୁ ବହେ ଉତ୍ତମ ମଧ୍ୟମ ଦେବା ପାଇଁ କରିଥିଲେ। ପରେ ଯୁବତୀଜଣକ ସେଠାରୁ ନିଜ ଗାଡ଼ି ନେଇ ଚାଲିଯାଇଥିଲେ ।ଏଭଳି ଅନେକ ଘଟଣା ଘଟିଚାଲିଛି, ଯେଉଁଥିରେ ମହିଳାଙ୍କ ଦ୍ୱାରା ପୁରୁଷମାନେ ନିର୍ଯ୍ୟାତିତ ଓ ଅତ୍ୟାଚରିତ ହୋଇ ଚାଲିଛନ୍ତି। ଏହିସବୁ ଘଟଣାର ପ୍ରତିବାଦ କରିବାର ସାମର୍ଥ୍ୟ ଥିଲେ ମଧ ଆତ୍ମସମ୍ମାନ ଭୟରେ ପୁରୁଷମାନେ ସାହସ କରିପାରନ୍ତି ନାହିଁ। କାରଣ ସେ ଭଲଭାବେ ଅବଗତ ଅଛି ଯେ, ଏଭଳି ଘଟଣାର ପ୍ରତିବାଦ କଲେ, କାଲି ତାକୁ କାରାଗାରର ଚାରିକାନ୍ଥ ଭିତରେ ବନ୍ଦୀ ହୋଇ ରହିବାକୁ ପଡ଼ିବ, ଘରୋଇ ହିଂସାରେ ଅଭିଯୁକ୍ତ ଭାବେ କାଠଗଡ଼ାରେ ଛିଡ଼ା ହେବାକୁ ପଡ଼ିବ। ପାରିବାରିକ ହେଉ ବା ସାମାଜିକ କ୍ଷେତ୍ରରେ, ଯଦି ପୁରୁଷଟିଏ ମହିଳାମାନଙ୍କ ଦ୍ୱାରା ନିର୍ଯ୍ୟାତନାର ଶିକାର ହୁଏ, ତେବେ ଆଇନ ବା ସମାଜ ସେସବୁ ଦେଖିପାରେନା। ଆଇନ୍‌ରେ କେବଳ ପୁରୁଷଙ୍କୁ ଦଣ୍ଡବିଧାନ କରିବାର ବ୍ୟବସ୍ଥା ରହିଛି, କିନ୍ତୁ ପୁରୁଷମାନଙ୍କୁ ସମର୍ଥନ କଲାଭଳି କୌଣସି ଅନୁଷ୍ଠାନ ଏପର୍ଯ୍ୟନ୍ତ ଗଠନ ହୋଇପାରି ନାହିଁ କିମ୍ବା କୌଣସି ବ୍ୟକ୍ତିବିଶେଷ ଆଗେଇ ଆସିନାହାଁନ୍ତି। ଏ ବିଷୟରେ ରାଜ୍ୟ ସରକାର ଚିନ୍ତା କରିବା ସହିତ ଦୃଢ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି। ତେବେ ସମୟ ଆସିବ ପୁରୁଷ ସଶକ୍ତିକରଣ ପାଇଁ, ପୁରୁଷମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବେ।

କଣ୍ଟି, ବାହାରଣା, ବାଲିକୁଦା,
ଜଗତସିଂହପୁର




# ବେହେରାପାଲି ଜବରଦଖଲକାରୀଙ୍କୁ ମ୍ୟୁନିସିପାଲିଟିର ନୋଟିସ

**ବଲାଙ୍ଗୀର(ପି.ଏନ୍) :** ବଲାଙ୍ଗିର ସହରରେ ଜବରଦଖଲକାରୀଙ୍କୁ ସରକାରୀ ଜମିରୁ ତାଙ୍କ ବାସଗୃହ ଭାଙ୍ଗି ସେଠାରୁ ହଟାଇବା କୁ ନେଇ ସବୁବେଳେ ଆକ୍ଷେପ ପ୍ରତ୍ୟାକ୍ଷେପ ଚାଲିଛି । ଏହି ଗରିବ ଭୂମିହୀନ କିନ୍ତୁ ବୁଝିପାରୁନାହାନ୍ତି ଏମାନଙ୍କ ସପକ୍ଷରେ କିଏ ଓ ବିପକ୍ଷରେ କିଏ ? ପ୍ରକୃତ କଥା ହେଲା ୩ରୁ ୪ ମାସ ତଳେ ବେହେରାପାଲିରେ ଏକ ରାସ୍ତା ନିର୍ମାଣ ପାଇଁ ବଲାଙ୍ଗିର ମ୍ୟୁନିସିପାଲିଟି ତରଫରୁ ବେହେରାପାଲି ର କିଛି ଗରିବ ଲୋକଙ୍କୁ ନୋଟିସ କରାଯାଇଥିଲା । ଅନେକ ଗୁଡିଏ ଜାଗାରେ ମ୍ୟୁନିସିପାଲିଟି ତରଫରୁ ବସ୍ତି ବାସିନ୍ଦାଙ୍କୁ ସୁରକ୍ଷା ଦିଆଯିବାର ଦ୍ୱାହି ଦେଇ ପୌରାଧ୍ୟକ୍ଷା ଲିକା ସାହୁ ବୟାନ ରଖନ୍ତି । କିନ୍ତୁ ଅସଲ ସ୍ଥିତି ହେଲା ତାଙ୍କ ନିର୍ଦ୍ଦେଶରେ ବେହେରାପାଲିରେ ଘର ଭଙ୍ଗା ପାଇଁ ନୋଟିସ କରାଯାଇଛି । ଆହୁରି ଆଶ୍ଚର୍ଯ୍ୟ କଥା ଏହି ଘରଭଙ୍ଗା ବିଳମ୍ବ ହେବା ଯୋଗୁଁ ଏହା କହିଁକି ବିଳମ୍ବିତ ହେଉଛି ବୋଲି ବିଜେପିର ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ପ୍ରଶ୍ନ କରିଛନ୍ତି ଯେ ବଲାଙ୍ଗିର ପୌର ପରିଷଦର ଅନ୍ତର୍ଗତ ପୌର ବିଭାଗର ରାଜରାସ୍ତା ନଂ.୧୫୭୫ ଏବଂ ୧୫୭୬ ବଲାଙ୍ଗିର 'କ' ମୌଜା ବଲାଙ୍ଗିର ତହସିଲରେ ଜବରଦଖଲ କରିଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ କେତେ ବର୍ଷ ହେଲା ଏହି ମୌଜାରେ ଏହି ରାସ୍ତା ବେହେରାପାଲିରେ ଜବରଦଖଲକାରିମାନେ ଜବରଦଖଲ କରିଛନ୍ତି ସେଟାକୁ ସରକାର କେବେ ସୁଦ୍ଧା ଜବରଦଖଲ ମୁକ୍ତ କରିବେ ଏବଂ କେବେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ । ଏହି ପ୍ରଶ୍ନ ର ଉତ୍ତର ଆଗାମୀ ବିଧାନସଭାରେ ଉତ୍ତର ରଖିବା ପାଇଁ ମଗାଯାଇଛି । ଏଥିରୁ ଜଣାଯାଉଛି ଯେ ବିଜେଡି ଅଧିନରେ ଥିବା ପୌର ପରିଷଦ ବସ୍ତି ଉଚ୍ଛେଦ ପାଇଁ ନୋଟିସ କରୁଛି ଏବଂ ବିଜେପି ବିଧାୟକ କେବେ ସୁଦ୍ଧା ଉଚ୍ଛେଦ ହେବ ବୋଲି ସରକାରଙ୍କ ଉପରେ ଚାପ ପକାଇବା ଏମାନଙ୍କର ଏକ ସୁଚିନ୍ତିତ ଗରିବ ମାରଣ ସଡଯନ୍ତ୍ର । ଏ ଶଡଯନ୍ତ୍ର ଜାଣିବା ପରେ ଲୋକଙ୍କ ଅନୁରୋଧ ମୁତାବକ ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ବିଭାଗ ତଥା ସରକାରଙ୍କୁ ଚିଠି ଲେଖିଛନ୍ତି ଯେ କୌଣସି ମତେ ବେହେରାପାଲି ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ କରିବା କଥା ନୁହେଁ । ଏପରି ଉଚ୍ଛେଦ ଚିନ୍ତା କରିବା ଆଗରୁ ସେମାନଙ୍କୁ ଜାଗା,ଡିହ ଓ ଘର ବ୍ୟବସ୍ଥା କରିବା ଦରକାର ନଚେତ ଆଗାମୀ ଦିନରେ ସରକାର ଓ ପୌର ପରିଷଦ ବିରୁଦ୍ଧରେ ଲୋକେ ଆନ୍ଦୋଳନର ପନ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି । ଏଥିରୁ ସ୍ପଷ୍ଟ ଅନୁମେୟ ହେଉଛି ଯେ ବାହାରେ ବାହାରେ ରାଜନୈତିକ ପ୍ରତିଦ୍ୱନ୍ଦି ବୋଲି ଶ୍ଲୋଗାନ ଦେଉଥିବା ବିଜେପି ଓ ବିଜେଡି ପ୍ରକୃତିରେ ଭାଇ ଭାଇ ଏବଂ ଏମାନେ ଗରିବ ବସ୍ତିବାସିନ୍ଦାଙ୍କ ଶତୃ ଅଟନ୍ତି ।

# ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଉଦ୍ଧାର ହେଲେ ୬ ଶ୍ରମିକ

**କଳାହାଣ୍ଡି(ପି.ଏନ୍) :** କଳାହାଣ୍ଡି ଜିଲା ଏମ୍. ରାମପୁର ବ୍ଲକ ସାଦୁଲ ବ୍ୟାରେଜରେ ଗତ ୪ ମାସ ହେବ ତେଲଙ୍ଗାନା ମେହବୁବନଗର ଜିଲା ଶେଖପାଲେ ଓ ନେଇନାନପାଲି ଅଞ୍ଚଳର ୬ ଜଣ ଦାଦନ ଶ୍ରମିକ କାମ କରୁଥିଲେ । ସମସ୍ତେ ଆଦିବାସୀ ସମ୍ପ୍ରଦାୟର ଶ୍ରମିକ ହୋଇଥିବାବେଳେ ସେଥିମଧ୍ୟରୁ ୪ଜଣ ପୁରୁଷ ଓ ୨ ଜଣ ମହିଳା ଥିଲେ । ସେମାନଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଥିଲା । ଶେଷରେ କଳାହାଣ୍ଡି ଜିଲାପାଳ ଘଟଣାର ହସ୍ତକ୍ଷେପ କରିବା ପରେ ସେମାନେ ଉଦ୍ଧାର ପାଇ ବୁଧବାର ନିଜ ଗାଁକୁ ଫେରିଛନ୍ତି । ଗୁରୁବାର ଶ୍ରମିକମାନେ ନିଜ ଗାଁରେ ପହଞ୍ଚି ଥିବା ଜଣାପଡିଛି ଶ୍ରମିକମାନଙ୍କୁ ନିଜ ରାଜ୍ୟରେ କୌଣସି ସ୍ଥାନରେ କାମ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇ ଦାଦନ ସରଦାର ମାନ୍ୟମକୋଣ୍ଡା ୪ ମାସ ତଳେ ଭୁଲାଇ ଆଣି ସାଁଦୁଲ ବ୍ୟାରେଜରେ ଠିକାଦାରଙ୍କ ପାଖରେ ଛାଡି ଦେଇଥିଲେ । ସେମାନେ



ସରଦାରଠାରୁ ନେଇଥିବା ଋଣ ଶୁଝିବା ସହିତ ମାସକୁ ୬ ହଜାର ଟଙ୍କା ଲେଖାଏ ପାରିଶ୍ରମିକ ପାଇବେ ବୋଲି ପ୍ରତିଶ୍ରୁତି ପାଇଥିଲେ ମଧ କାମ କରିବା ଦିନଠାରୁ ଟଙ୍କାଟିଏ ମଧ୍ୟ ପାଇ ନ ଥିବା ପ୍ରକାଶ କରିଛନ୍ତି ଓ ଶ୍ରମିକମାନଙ୍କ ମଧ୍ୟରୁ ୩ଜଣ ଶ୍ରମିକ ଦସ୍ତାଗିରି, ଡି. କ୍ରିଷ୍ଣ, ଓ ଡି. ରାମୁଲୁ କଳାହାଣ୍ଡି ଜିଲା ଭବାନୀପାଟଣା ସହରର ମାନବାଧିକାର କର୍ମୀ ଦିଲୀପ କୁମାର ଦାସ ଓ ବଲାଙ୍ଗୀର ଗୋଟି ଶ୍ରମିକଉଦ୍ଧାର ହୋଇଥିବା ଶ୍ରମିକ । ଜିଲ୍ଲାପାଳଙ୍କ ହସ୍ତକ୍ଷେପ ସଙ୍ଗଠନ କର୍ମକର୍ତ୍ତାମାନଙ୍କୁ ଯୋଗାଯୋଗ କରି ନିଜ ସମସ୍ୟା ବିଷୟରେ କହିଥିଲେ । ଏହାସହ ଠିକାଦାରଙ୍କ ଲୋକ ସେମାନଙ୍କୁ ସବୁବେଳେ ଜଗି ରହୁଛନ୍ତି ଓ କୌଣସି ସ୍ଥାନକୁ ଛାଡୁନାହାନ୍ତି, ତାସହିତ ପାରିଶ୍ରମିକ ବାବଦକୁ ଚୁକ୍ତି କରିଥିବା ଅର୍ଥରୁ ଟଙ୍କାଟିଏ ମଧ୍ୟ ଦେଉ ନାହାନ୍ତି ତେଣୁ ସେମାନେ ବହୁ କଷ୍ଟରେ ଜୀବନ ଯାପନ କରୁଛନ୍ତି ବୋଲି କହିଥିଲେ । ଫଳରେ ସେମାନେ କାମ ଛାଡି ନିଜ ଗାଁକୁ ଫେରି ଯିବାକୁ ଚାହିଁଲେ ବି ଠିକାଦାର ସେମ ସମାନଙ୍କୁ ଯିବାକୁ ଦେଉନାହିଁ ବୋଲି ଅଭିଯୋଗ ଆଣିଥିଲେ । ସାମାଜିକର୍ମୀ ମାନେ ଏସବୁ ଅବଗତ ହେଲା ପରେ ଗତ ୨୯ ତାରିଖରେ କଳାହାଣ୍ଡି ଜିଲାପାଳଙ୍କୁ ସାକ୍ଷାତ କରି ଅଭିଯୋଗ ଦାଖଲ କରିଥିଲେ । ଏହାସହ ଶ୍ରମିକମାନଙ୍କ ଦୁର୍ଦ୍ଦଶା ବିଷୟରେ ଅବଗତ କରାଇଥିଲେ । ଏହାପରେ ଜିଲାପାଳ, ଶ୍ରମ ବିଭାଗ, ଜଳସମ୍ପଦ ବିଭାଗ ଓ ପଞ୍ଚାୟତିରାଜ ବିଭାଗର ଜିଲ୍ଲା ସ୍ତରୀୟ ଅକାରୀ ମାନଙ୍କୁ ଦିଗରେ ପଦକ୍ଷେପ ନେଇ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲା ଶ୍ରମ ବିଭାଗ ଓ ପଞ୍ଚାୟତିରାଜ ବିଭାଗ ଅଧିକାରୀମାନେ ବିଭିନ୍ନ ଆଳ ଦେଖାଇ ବିଳମ୍ବ କରିଥିଲେ ମଧ୍ୟ ଜଳସମ୍ପଦ ବିଭାଗ ଅଧିକାରୀ ମାନେ ଶ୍ରମିକମାନଙ୍କୁ ଉଦ୍ଧାର କରି ନିଜ ନିଜ ଗାଁକୁ ପଠାଇଥିଲେ ।

# ଜାମଗାଁ ହାଇସ୍କୁଲ ର ବାର୍ଷିକ ଉତ୍ସବ



**ବଲାଙ୍ଗୀର(ପି.ଏନ୍) :** ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଜାମଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସଭାପତି ପ୍ରଫୁଲ୍ଲ କୁମାର ସାହୁ, ମୁଖ୍ୟ ଅତିଥି ଲୋକନାଥ ସୁନା ବି.ଇ.ଓ ପୁଇନ୍ତଲା, ମୁଖ୍ୟ ବକ୍ତା ଅଶୋକ କୁମାର ପଣ୍ଡା, ବରିଷ୍ଠ ସଂସ୍କୃତ ଶିକ୍ଷକ ରାଜ କିଶୋର ପଣ୍ଡା ଓ ଶିକ୍ଷାପ୍ରେମୀ ସତ୍ୟପ୍ରୀୟ ନାଏକ ମଂଚାସିନ ଥିଲେ । ଦିପ ପ୍ରଜ୍ଜଳନ ଓ ସ୍ୱାଗତିକା ସଂଗୀତ ପରେ ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ । କ୍ରୀଡା ଶିକ୍ଷକ ସଚ୍ଚିଦାନନ୍ଦ ସାହୁ ଓ ହରେକୃଷ୍ଣ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସଙ୍ଗେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଭା ମଂଚ ରଂଗାରଙ୍ଗ ହୋଇ ଉଠିଥିଲା । ଶିକ୍ଷକ ପ୍ରଭାତ ସାହୁ ମଂଚ ପରିଚାଳନା କରିଥିବା ବେଳେ ଉଦ୍‌ଘୋଷିକା ଭାବେ ଛାତ୍ରି ଅଚ୍ଚିତା ଡାଙ୍ଗ ଓ ଜ୍ୟୋତିର୍ମୟୀ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶିବ ଶଙ୍କର ପାଣିଗ୍ରାହୀ, ଅଭିଷେକ ପାଣିଗ୍ରାହୀ, ଜୟସେନ ମହାନନ୍ଦ, ଧିରେନ୍ଦ୍ର ସୁନା, ସୌରଭ ନାଏକ, ରିତା ପଧାନ, ପ୍ରିତି ମିଂଜ , ବିଶେଶ୍ୱର ଝାଙ୍କର, ମହେଶ୍ୱର ଝାଙ୍କର, ସଂଜିବ ନାଏକ, ବବୁଲୁ ଦେହୁରି, ରାଜ କିଶୋର ପଧାନ, ଦେବାଶିଷ ପଧାନ ପ୍ରମୁଖ ସହଯୋଗ କରିଥିଲେ ।

# ନୂଆ-ଓ ରେ ୫T ଅଧ୍ୟକ୍ଷ, ଛାତ୍ରଛାତ୍ରୀଙ୍କୁ ଦେଲେ ସଫଳତା ମନ୍ତ୍ର

**ନୂଆପଡ଼ା(ପି.ଏନ୍) :** ନୂଆପଡ଼ା ସ୍ଥିତ ନ୍ୟାସନାଲ କଲେଜ ପଡ଼ିଆରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଫଳତାର ଟିପ୍ସ ଦେଇଛନ୍ତି ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ସେ କହିଛନ୍ତି, କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି । ବିନା କଠିନ ପରିଶ୍ରମରେ ସଫଳତା ହାସଲ କରିହେବ ନାହିଁ । ଏଥିଲାଗି ଭଲ ପାଠ ପଢିବାକୁ ପଡିବ । ଭଲ ପାଠ ପଢିଲେ ଅଧିକ ମାର୍କ, ରାଙ୍କ୍ ରଖିବେ । ହେଲେ ଜୀବନରେ ସଫଳତା ହାସଲ କରିବାକୁ ହେଲେ ଭଲ ପାଠ ପଢିବା ସହ ସାମଗ୍ରିକ ବିକାଶ କରିବାକୁ ପଡିବ । ଏଥିଲାଗି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ପ୍ରତିଭାକୁ ବାହାରକୁ ଆଣିବାକୁ ପଡିବ । ପାଠ ପଢିବା ସହ ପ୍ରତିଭାର ବିକାଶ ହେଲେ ସାମଗ୍ରିକ ବିକାଶ ହେବ । ସାମଗ୍ରିକ ବିକାଶ ହେଲେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଏଥିଲାଗି ମୁଖ୍ୟମନ୍ତ୍ରୀ ଏହି ନୂଆ-ଓ କାର୍ଯ୍ୟକ୍ରମ କରିଛନ୍ତି ବୋଲି କହିଛନ୍ତି ଫାଇଭଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ଆହୁରୀ ମଧ୍ୟ କହିଛନ୍ତି, ପ୍ରତିଯୋଗିତାରେ ଭାଗ ନେଲେ ଜୀବନରେ ସଫଳତା ହାସଲ କରିପାରିବେ । ଜିତିବା ଆପଣଙ୍କୁ ଖୁସି ଦେବ ହେଲେ ଭାଗ ନେବା ଜୀବନକୁ ଗୋଟିଏ ଶିକ୍ଷାଦେବ । ପ୍ରତିଯୋଗିତାରେ ହାରିଲେ ଶିଖିବେ । ଜୀବନରେ ଶିଖିବା ଗୁରୁତ୍ୱପୂର୍ଣ୍ଣ । ସଫଳତା ପାଇବାକୁ ହେଲେ ଦିନକୁ ୧୪ ଘଣ୍ଟା ପରିଶ୍ରମ କରିବାକୁ ପଡିବ । ପରିଶ୍ରମ କରିବାକୁ ହେଲେ ଶରୀରକୁ ସୁସ୍ଥ ରଖିବାକୁ ପଡିବ । ଏଥିଲାଗି ଦିନକୁ ଅତି କମରେ ୩୦ ମିନିଟ ବ୍ୟାୟାମ ସହ ମନକୁ ଶାନ୍ତ ରଖିବାକୁ ୧୫ ମିନିଟ ଧ୍ୟାନ କରିବାକୁ କହିଛନ୍ତି । ମନ ଯେତେ ଶାନ୍ତିରେ ରହିବ ସେତିକି ସଫଳତା ହାସଲ କରିବେ । ସୋସିଆଲ ମିଡିଆର କୁପ୍ରଭାବ ଓ ସୁପ୍ରଭାବ ବିଷୟରେ କହିଛନ୍ତି ଫାଇଭ ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ସୋସିଆଲ ମିଡିଆରେ କମ ସମୟ ଅପଚୟ କରିବାକୁ ପରାମର୍ଶ ଦେଇଛନ୍ତି । ବାପା, ମାଆ ଓ ଗୁରୁଜନଙ୍କୁ ସମ୍ମାନ ଦେଇ ସେମାନଙ୍କ କଥା ଶୁଣିବାକୁ କହିଛନ୍ତି । ଯେଉଁମାନେ ଏ ପଥ ଅନୁସରଣ କରୁନାହାନ୍ତି ସେମାନେ ଆତ୍ମସମୀକ୍ଷା କରନ୍ତୁ ବୋଲି କହିଛନ୍ତି ଫାଇଭ-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ଛାତ୍ରଛାତ୍ରୀଙ୍କ ହାତରେ ଅଛି ସେମାନଙ୍କ ଭବିଷ୍ୟତ । ଚାହିଁଲେ ଭବିଷ୍ୟତକୁ ବହୁତ ଉଜ୍ଜଳ କରିପାରିବେ । ଏହାସହ ଖୁବଶୀଘ୍ର ନୂଆପଡ଼ା ଜିଲ୍ଲାରେ ଲକ୍ଷ୍ମୀ ଯୋଜନା ଆରମ୍ଭ ହେବ । ଏଥିରେ ଛାତ୍ରଛାତ୍ରୀ ସେମାନଙ୍କ କଲେଜକୁ ୫ ଟଙ୍କା ଦେଇ ଯାତ୍ରା କରିପାରିବେ । ଛାତ୍ରଛାତ୍ରୀଙ୍କ ଉନ୍ନତି ଲାଗି ମୁଖ୍ୟମନ୍ତ୍ରୀ ଏ ସବୁ କରୁଛନ୍ତି । କେବଳ ଗୋଟିଏ ଉଦ୍ଦେଶ୍ୟ ଯାହା ବି ସ୍ୱପ୍ନ ଦେଖୁଛନ୍ତି ତାହା ସାକାର କରନ୍ତୁ । ସ୍ୱପ୍ନ ସାକାର ହେଲେ ଆପଣ ଆଗକୁ ବଢିବେ ଓଡ଼ିଶା ଆଗକୁ ବଢିବ । ସଶକ୍ତ ଓଡ଼ିଶା ଗଠନ ହେବ । ନୂଆପଡ଼ା ଜିଲ୍ଲାରେ ୩୦ ହାୟର ସେକେଣ୍ଡାରୀ ସ୍କୁଲ ଓ କଲେଜର ରୂପାନ୍ତରଣ କାମ ଚାଲିଛି । ଆସନ୍ତା ମାସରୁ ଦେଢ ମାସ ମଧ୍ୟରେ ଏହି ରୂପାନ୍ତରଣ କାମ ସରିବ ।

# ଚାଷୀ ଅନୁଭବ କରୁନି ପ୍ରାଣୀ ଚିକିତ୍ସକଙ୍କ ଅନୁପସ୍ଥିତି

## ପ୍ରାଣୀ ଧନ ନିରୀକ୍ଷକ ଯୋଗାଉଛନ୍ତି ସେବା

**ଚୌଦ୍ୱାର(ପି.ଏନ୍) :** ଓଡିଶା ପ୍ରାଣୀ ଚିକିତ୍ସକ ସଂଘର ଡାକରାରେ ଗତ ଜାନୁୟାରୀ ୧୮ ତାରିଖରୁ ସମସ୍ତ ଚିକିତ୍ସକ ବିଭିନ୍ନ ଦାବି ପୂରଣ ପାଇଁ ସମୂହ ଛୁଟିରେ ଥିଲା ବେଳେ ଏଥିରେ ଯୋଡି ହୋଇଛନ୍ତି ଟାଙ୍ଗୀ ଚୌଦ୍ୱର ଚିକିତ୍ସକ । ଦାବି ପୂରଣ ପାଇଁ କାର୍ଯ୍ୟ ବନ୍ଦ କରିଥିଲେ ମଧ ଭାର ସମ୍ଭାଳିଛନ୍ତି ପ୍ରାଣୀ ଧନ ନିରୀକ୍ଷକ । ସୁତରାଂ ଡାକ୍ତରଙ୍କ ଅନୁପସ୍ଥିତ ଆଦୌ ଅନୁଭବ କରିପାରୁ ନାହାନ୍ତି ଟାଙ୍ଗୀ ଚୌଦ୍ୱାର ଅଧିବାସୀ ଓ ଚାଷୀ । ଅନେକ କୁକୁଡ଼ା ଚାଷୀ ଓ ଗୋ ପାଳକଙ୍କୁ ଅଦ୍ୟାବଧି ଆନ୍ଦୋଳନ କଥା ଜଣା ନଥିବା ଖବର ମିଳିଛି । ଏବେ ଟାଙ୍ଗୀରେ ଥିବା ବ୍ଲକ ପ୍ରାଣୀ ଧନ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଚୌଦ୍ୱାର ସହକାରୀ ଛିକିତ୍ସ କଙ୍କ କାର୍ଯ୍ୟାଳୟ ଭାର ମଧ ପ୍ରଣିଧନ ନିରୀକ୍ଷକଙ୍କ ହାତରେ ନ୍ୟସ୍ତ ଥିବାର ସୂଚନା ମିଳିଛି । ସରକାରୀ ସ୍ତରରେ ଏହାକୁ ଏତେଟା ଗୁରୁତ୍ୱ ଦିଆ ଯାଉ ନଥିବା ବେଳେ, ଚାଷୀ ମଧ ସାଥ ଦେଉନାହାନ୍ତି । ମୋଟା ମୋଟି କହିବାକୁ ଗଲେ ଚିକିତ୍ସକଙ୍କ ଆନ୍ଦୋଳନ ପ୍ରଭାବ ଶୂନ୍ୟ ହୋଇ ପଡିଛି । କେବଳ ଦେଖିବାକୁ ବାକି ରହିଲା ଏ ଭଳି ପରିସ୍ଥିତିରେ କେତେଦିନ ଚାଲି ପାରିବ ଆନ୍ଦୋଳନ ଆଉ କେତେ ସଫଳ ହେବେ ଚିକିତ୍ସକ ସଙ୍ଘ ।




# ନ୍ତମୁଁଇ କଳାହାଣ୍ଡିଆ ଫଁର କଳାହାଣ୍ଡି ନ୍ତସଂଗଠନ ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦେଲେ ଦାବିପତ୍ର

**କଳାହାଣ୍ଡି(ପି.ଏନ୍) :** ଯେଉଁ ଭଳି ରାଜ୍ୟରେ ପନିପରିବା, ଖାଦ୍ୟ ସାମଗ୍ରୀ, ଔଷଧ ଓ ଅନ୍ୟାନ୍ୟ ଜିନିଷର ଦରଦାମ୍ ଆକାଶଛୁଆଁ ହେଲାଣି ବଡ଼ବଡ଼ ବ୍ୟବସାୟୀ, ସରକାରୀ କର୍ମଚାରୀମାନେ ବି ନିଜ ପରିବାର ଭରଣପୋଷଣ କରିବା କଷ୍ଟକର ହୋଇପଡୁଛି । ସେହି ସମୟରେ ସାମାଜିକ ସୁରକ୍ଷା ଯୋଜନାରେ ୬୦ବର୍ଷରୁ ଉର୍ଦ୍ଧ୍ୱ ବୁଢାବୁଢି, ବିଧବା ଓ ଅବିବାହିତା ମହିଳା ପାଉଥିବା ମାସିକ ୫୦୦ଟଙ୍କା ଏବଂ ୮୦ବର୍ଷରୁ ଉର୍ଦ୍ଧ୍ୱ ବୁଢାବୁଢି ଓ ଦିବ୍ୟାଙ୍ଗମାନେ ପାଉଥିବା ମାସିକ ୭୦୦ଟଙ୍କାରେ ବଞ୍ଚିବେ କେମିତି ? ଯାହା ଏହି ମହଙ୍ଗା ଦୁନିଆରେ ସମୁଦ୍ରକୁ ଶଙ୍ଖେ । ଓଡିଶାର ବିଭିନ୍ନ ସଂଗଠନ ତରଫରୁ ଦାବି ହେଉଥିବାବେଳେ ନ୍ତମୁଁଇ କଳାହାଣ୍ଡିଆ ଫଁର୍ କଳାହାଣ୍ଡିନ୍ତ ସଂଗଠନ କଳାହାଣ୍ଡି ଜିଲ୍ଲା ସାରା ଦୀର୍ଘ ଦିନ ଧରି



ଭତ୍ତା ଟଙ୍କା ବଢାଇବା ସକାଶେ ଅହରହ ସଚେତନତା କାର୍ଯ୍ୟକ୍ରମ ଓ ଦସ୍ତଖତ ଅଭିଯାନ କରି ବିଭିନ୍ନ ଖବରକାଗଜ, ସୋସିଆଲ ମିଡିଆ ଏବଂ ଟୁଇଟ୍ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି । ଗତ ନଭେମ୍ବର ୧ତାରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ସମୟରେ ବି ସଂଗଠନର ସଦସ୍ୟମାନେ ଭତ୍ତା ଟଙ୍କା ବଢାଇବା ପାଇଁ ପ୍ଲାକାର୍ଡ ପ୍ରଦର୍ଶନ ମଧ୍ୟ କରିଥିଲେ । ଗତବର୍ଷ ଅଗଷ୍ଟ ୧୧ ଏବଂ ଚଳିତବର୍ଷ ଜାନୁଆରୀ ୬ତାରିଖରେ ଭତ୍ତା ଟଙ୍କା ବଢିବା ଆଶଙ୍କା ନେଇ ଖବର ପ୍ରସାରଣ ହୋଇଥିଲା କିନ୍ତୁ ରାଜ୍ୟ ସରକାର ଏବେ ଯାଏଁ ଚୁପ୍ । ତେଣୁ ଆଜି ନ୍ତମୁଁଇ କଳାହାଣ୍ଡିଆ ଫଁର୍ କଳାହାଣ୍ଡିନ୍ତ ସଂଗଠନର ସଂଗଠକ ତଥା ଯୁବନେତା ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଭବାନୀପାଟଣା ସହରର ମା ମାଣିକେଶ୍ୱରୀ ମନ୍ଦିର ଏବଂ ପୁରୁଣାପଡାର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରୁ ରାଲି ମାଧ୍ୟମରେ ବାହାରି ଜିଲ୍ଲାପାଳ ଅଫିସକୁ ପହଞ୍ଚିଥିଲେ ଏବଂ ପାଖାପାଖି ୧୦୦୦ ହିତାଧିକାରୀଙ୍କୁ ନେଇ ଏକ ବିରାଟ ସଭାର ଆୟୋଜନ ହୋଇଥିଲା । ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ୨୫୦୦ଟଙ୍କା ଦେବା ସହିତ ଅନ୍ୟ ସବୁ ଛୋଟ ବଡ ରାଜ୍ୟମାନେ ୧୫୦୦ରୁ ୪୦୧୬ଟଙ୍କା ପର୍ଯ୍ୟନ୍ତ ଭତ୍ତା ଟଙ୍କା ପ୍ରଦାନ କରୁଥିବା ବେଳେ ଆମ ରାଜ୍ୟ ଓଡିଶା ସବୁଠାରୁ କମ୍ ପ୍ରଦାନ କରୁଛି । ପୁଣି ନିୟମିତ ବ୍ୟବଧାନରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ମଧ ବଢାଯାଉଛି । ନିର୍ବାଚନକୁ ଆଖି ଆଗରେ ରାଜ୍ୟ ସରକାର ସବୁ ବର୍ଗ, ସମାଜ ଓ ସଂଗଠନ ମାନଙ୍କ ପାଇଁ ଟ୍ରେଜେରୀ ଖୋଲି ଦେଇଥିବାବେଳେ ଏହି ଗରିବ ଭତ୍ତା ହିତାଧିକାରୀମାନଙ୍କ ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି । ଏହା ଓଡିଶାର ଗରିବ ଓ ଅସହାୟ ପାଇଁ ଉପହାସ ନୁହେଁ କି ? ଯଦି ସରକାର ଆଗାମୀ ୧୫ଦିନ ଭିତରେ ବୁଢାବୁଢି, ବିଧବା ଓ ଅବିବାହିତା ମହିଳା ଭତ୍ତା ୨୫୦୦ଟଙ୍କା ଏବଂ ଭିନ୍ନକ୍ଷମ ଭତ୍ତା ୩୦୦୦ଟଙ୍କା ଏବଂ ସମସ୍ତ ଭତ୍ତା ହିତାଧିକାରୀଙ୍କୁ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସାର ବ୍ୟବସ୍ଥା ନ ଘୋଷଣା କରନ୍ତି ତାହେଲେ ଜିଲ୍ଲାବ୍ୟାପି ଆନ୍ଦୋଳନ ହେବ ବୋଲି ଲକ୍ଷ୍ମୀନାରାୟଣ ପଣ୍ଡା ଚେତାବନୀ ଦେଇଛନ୍ତି । ସଂଗଠନର ସଭାପତି ସୁରେଶ ସଂଗ୍ରାମ, ନାରୀ ନେତ୍ରୀ କବିତା ରାଉତ, ନିରୋଦ କୁମାର ରାଉତ,ପଞ୍ଚୁ ସାହୁ, ନାରୀ ନେତ୍ରୀ ମନ୍ଦାକିନୀ ବାଣୁଆ, ନବନିର୍ମାଣ କ୍ରୁଷକ ସଂଗଠନର ଆବାହକ ଲିଙ୍ଗରାଜ ପ୍ରଧାନ, ନାରୀ ନେତ୍ରୀ ମନ୍ଦାକିନୀ ବାଣୁଆ, ହିତେଶ ନାଏକ, ମଧୁଲାଲ ନାଏକ, ବନିତା ପ୍ରଧାନ, ଜୟନ୍ତି ପାତ୍ର, ଅଞ୍ଜଳି ବାଗ, ଅଜୟ ରାଉତ, ଶିବାନୀ ଶଙ୍କର ଭୋଇ, ଦମୟନ୍ତୀ ମାଝୀ, ପାର୍ବତୀ ଗହିର, ପ୍ରମୁଖ ଉପସ୍ଥିତ ରହି ଉଦବୋଧନ ଦେଲେ । ଶେଷରେ ସମସ୍ତଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟରଙ୍କୁ ୩ଦଫା ଦାବୀପତ୍ର ପ୍ରଦାନ କରିଥିଲେ ।

# ଲୋକକଳା ହେଉଛି ଗୋଟିଏ ଜାତିର ଅସ୍ମିତା: ଭି.କେ. ପାଣ୍ଡିଆନ

- ଜୟ ଜଗନ୍ନାଥ ଧ୍ୱନି ରେ କମ୍ପିଲା ମଞ୍ଚ
- ୬ଟି ପ୍ରଶ୍ନ ଛାତ୍ରଛାତ୍ରୀ ଙ୍କୁ ପଚାରିଥିଲେ
- କଠିନପରିଶ୍ରମ ଜୀବନ ର ମୂଳ ମନ୍ତ୍ର

**ନୂଆପଡ଼ା(ପି.ଏନ୍) :** ଯୁବଓଡିଶା ନବୀନଓଡିଶା ସାମିଲ ହେଲେ ୫ଟି ଅଧକ୍ଷ ଭିକେ ପାଣ୍ଡିଆନ, ଗୁରୁବାର ଅପରାହ୍ନ ୧୨ ରେ ନୂଆପଡା ନେସନାଲ କଲେଜ ପରିସର ରେ ଯୁବଓଡିଶା ନବୀନଓଡିଶା କାର୍ଯ୍ୟକ୍ରମ ରେ ଯୋଗେଦେଇଥିଲେ,, ୧୦ହାଜର ରୁ ଉର୍ଦ୍ଧ କଲେଜ ଛାତ୍ରଛାତ୍ରୀ ଙ୍କୁ ସମ୍ବୋଧିତ କରିଥିଲେ, ମଞ୍ଚ ରେ ୫ଟି ଅଧକ୍ଷ ଭିକେ ପାଣ୍ଡିଆନ ୪୦ମିନିଟ ଧରି ଯୁବଓଡିଶା ନବୀନଓଡିଶା ରେ କାର୍ଯ୍ୟକ୍ରମ ଯୋଗ ଦେଇଥିବା ନେଇ ଭିକେ ପଣିଆନ ଙ୍କ ଅଭିଭାଷଣ ରେ ଯୁବଶକ୍ତି କୁ ନବୀନ ସରକାର ଏକ ଭିନ୍ନ ପରିଚୟ ଦେଇଛନ୍ତି ସେ ଆହୁରି କହିଛନ୍ତି,ଜିଲ୍ଲାରେ ସଂସ୍କୃତିକୁ ଗତିଶୀଳ କରିବା ନିମନ୍ତେ ଲୋକକଳା ପ୍ରତି ଯୁବପିଢିଙ୍କୁ ଆକୃଷ୍ଟ କରିବାକୁ ପଡିବ । ଲୋକକଳା ବଞ୍ଚିବାକୁ ହେଲେ କଳାକାରମାନଙ୍କ ଉନ୍ନତି ହେବା ଉଚିତ ବୋଲି ସେ କହିଛନ୍ତି । ଏଥି ନିମନ୍ତେ ସରକାର ଏହି କାର୍ଯ୍ୟକ୍ରମ ହାତ କୁ ନେଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ କଳାପ୍ରେମୀ ହୋଇଥିବାରୁ କଳାକାରମାନଙ୍କ ଉନ୍ନତି ନିମନ୍ତେ ସେ ସର୍ବଦା ଗୁରୁତ୍ୱାରୋପ କରୁଛନ୍ତି । ମିଶନ ଶକ୍ତି ଯେପରି ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି ଏବଂ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି ଅନୁରୂପ ଢାଞ୍ଚାରେ କଳାକାର ସଂଘକୁ ସଶକ୍ତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି । ସମସ୍ତ ସଂଘକୁ ୫-ଟି ମଧ୍ୟରେ ଅନ୍ତର୍ଭୁକ୍ତ କରାଯିବା ସହ ବ୍ଲକ ଏବଂ ଜିଲାସ୍ତରୀୟ ସଂଘ କାର୍ଯ୍ୟାଳୟ ଖୋଲାଯିବ,ପାରମ୍ପାରିକ ଲୋକକଳା ଓ ସଂସ୍କୃତି ହେଉଛି ଏକ ଜାତିର ଜୀବନ ଓ ଭବିଷ୍ୟତ । ସଚେତନତା ସୃଷ୍ଟି କରିବାରେ ଲୋକକଳା ଭଳି ପ୍ରଭାବୀ ମାଧ୍ୟମ ଅନ୍ୟ କୌଣସି ମାଧ୍ୟମରେ ନାହିଁ ବୋଲି ୫-ଟି ତଥା 'ଆମ ଓଡିଶା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ କହିଛନ୍ତି , ପାଣ୍ଡିଆନ ଙ୍କ ଉଦବୋଧନ ରେ କହିଛନ୍ତି କି ଜିଲା ର ଯୁବ ସମାଜ ମାନସିକ ସାରରିକ ଶିକ୍ଷା କ୍ଷେତ୍ର ରେ ଅଗ୍ରଗତୀ କଲେ ଜିଲ୍ଲା ଅଗ୍ରଗତି କରିବ ବୋଲି ପାଣ୍ଡିଆନ କହିଛନ୍ତି, ଛାତ୍ରଛାତ୍ରୀ ଙ୍କୁ ୬ ଟି ପ୍ରଶ୍ନ ପଚାରିଥିଲେ ସେଥିମଧ୍ୟରୁ କଠିନପରିଶ୍ରମ ଜୀବନ ମୂଳମନ୍ତ୍ର ବୋଲି କହିଛନ୍ତି, ଶେଷରେ ସମସ୍ତ ଛାତ୍ରଛାତ୍ରୀ ଙ୍କୁ ଧନ୍ୟବାଦ ଦେବା ସହ ମଞ୍ଚ ତଳକୁ ଆସି ଛାତ୍ରଛାତ୍ରୀ ଙ୍କ ସହ ଅଭିବାଦନ କରି ଗୋତମା ହେଲିପେଡ ପଡିଆ କୁ ଫେରିଥିଲେ ପରେ ଅପରାହ୍ନ ରେ ଖଡ଼ିଆଲ ବିଧାନସଭା କ୍ଷେତ୍ର ର ବୋଡ଼େନ ବ୍ଲକ ବିନୋପୁର ଖେଳ ପଡିଆ ରେ ସାଧାରଣ ସଭାରେ ସାମିଲ ହୋଇଥିଲେ କାର୍ଯ୍ୟକ୍ରମ ଶାରୀ, ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ଗୋତମା ହେଲିପେଡ ପଡିଆ ରେ ପହଁଚି ପୁଣି ଭୁବନେଶ୍ୱର କୁ ଫେଇଥିଲେ, ନୂଆପଡା ନେସନାଲ କଲେଜ କେମ୍ପସ୍ ଠାରେ ଦିନ ତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା ସେହିପରି ଓଡ଼ିଆ ସିନେମା ଜଗତ ଚର୍ଚ୍ଚିତ ଅଭିନେତା ଅଭିନେତ୍ରୀ ଅର୍ଚିତାସାହୁ ଦିପ୍ତୀରେଖା ପାଢ଼ୀ ଏବଂ ସମ୍ବଲପୁରୀ ମେଲୋଡି କଣ୍ଠଶିଳ୍ପୀ ରୁକୁସୁନା ଅର୍ଚନା ପାଢ଼ୀଓ ତାଙ୍କ ଟିମ କାର୍ଯାକ୍ରମ ଯୋଗ ରେ ଦେଇଥିଲେ, ଏହି କାର୍ଯ୍ୟକ୍ରମ ଜିଲ୍ଲା ର ୩୧ଟି କଲେଜ ର ୧୦ହାଜର ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ, ଏହି ଅବସରରେ ନୂଆପଡା ଜିଲ୍ଲାପାଳ ହେମକାନ୍ତ ସୟ ନୂଆପଡା ଏସପି ରାଘବେନ୍ଦ୍ର ରେଡି ସହ ଜିଲ୍ଲା ପ୍ରଶାସନ ର ସମସ୍ତ ପଦାଧିକାରୀ ମାନେ ପ୍ରମୁଖ ସାମିଲ ଥିଲେ କଲେଜ ପରିସର ରେ କଲେଜ ଛାତ୍ର ଙ୍କ ପାଇଁ ଉତ୍ତମ ମଧ୍ୟାହ୍ନ ଭୋଜନ ଖାଇବା ଆୟୋଜନ କରାଯାଇଥିଲା ।

# ଯୁବଓଡ଼ିଶା ନୂଆ-ଓଡ଼ିଶାରେ ଯୋଗ ଦେଲେ ଭିକେ ପାଣ୍ଡିଆନ

**ନୂଆପଡ଼ା(ପି.ଏନ୍) :** ନୂଆପଡ଼ା ସ୍ଥିତ ନ୍ୟାସନାଲ କଲେଜ ପଡ଼ିଆରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଫଳତାର ଟିପ୍ସ ଦେଇଛନ୍ତି ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ସେ କହିଛନ୍ତି, କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି । ବିନା କଠିନ ପରିଶ୍ରମରେ ସଫଳତା ହାସଲ କରିହେବ ନାହିଁ । ଏଥିଲାଗି ଭଲ ପାଠ ପଢିବାକୁ ପଡିବ । ଭଲ ପାଠ ପଢିଲେ ଅଧିକ ମାର୍କ, ରାଙ୍କ୍ ରଖିବେ । ହେଲେ ଜୀବନରେ ସଫଳତା ହାସଲ କରିବାକୁ ହେଲେ ଭଲ ପାଠ ପଢିବା ସହ ସାମଗ୍ରିକ ବିକାଶ କରିବାକୁ ପଡିବ । ଏଥିଲାଗି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ପ୍ରତିଭାକୁ ବାହାରକୁ ଆଣିବାକୁ ପଡିବ । ପାଠ ପଢିବା ସହ ପ୍ରତିଭାର ବିକାଶ ହେଲେ ସାମଗ୍ରିକ ବିକାଶ ହେବ । ସାମଗ୍ରିକ ବିକାଶ ହେଲେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଏଥିଲାଗି ମୁଖ୍ୟମନ୍ତ୍ରୀ ଏହି ନୂଆ-ଓ କାର୍ଯ୍ୟକ୍ରମ କରିଛନ୍ତି ବୋଲି କହିଛନ୍ତି ଫାଇଭଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ଆହୁରୀ ମଧ୍ୟ କହିଛନ୍ତି, ପ୍ରତିଯୋଗିତାରେ ଭାଗ ନେଲେ ଜୀବନରେ ସଫଳତା ହାସଲ କରିପାରିବେ । ଜିତିବା ଆପଣଙ୍କୁ ଖୁସି ଦେବ ହେଲେ ଭାଗ ନେବା ଜୀବନକୁ ଗୋଟିଏ ଶିକ୍ଷାଦେବ । ପ୍ରତିଯୋଗିତାରେ ହାରିଲେ ଶିଖିବେ । ଜୀବନରେ ଶିଖିବା ଗୁରୁତ୍ୱପୂର୍ଣ୍ଣ । ସଫଳତା ପାଇବାକୁ ହେଲେ ଦିନକୁ ୧୪ ଘଣ୍ଟା ପରିଶ୍ରମ କରିବାକୁ ପଡିବ । ପରିଶ୍ରମ କରିବାକୁ ହେଲେ ଶରୀରକୁ ସୁସ୍ଥ ରଖିବାକୁ ପଡିବ । ଏଥିଲାଗି ଦିନକୁ ଅତି କମରେ ୩୦ ମିନିଟ ବ୍ୟାୟାମ ସହ ମନକୁ ଶାନ୍ତ ରଖିବାକୁ ୧୫ ମିନିଟ ଧ୍ୟାନ କରିବାକୁ କହିଛନ୍ତି । ମନ ଯେତେ ଶାନ୍ତିରେ ରହିବ ସେତିକି ସଫଳତା ହାସଲ କରିବେ । ସୋସିଆଲ ମିଡିଆର କୁପ୍ରଭାବ ଓ ସୁପ୍ରଭାବ ବିଷୟରେ କହିଛନ୍ତି ଫାଇଭ ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ସୋସିଆଲ ମିଡିଆରେ କମ ସମୟ ଅପଚୟ କରିବାକୁ ପରାମର୍ଶ ଦେଇଛନ୍ତି । ବାପା, ମାଆ ଓ ଗୁରୁଜନଙ୍କୁ ସମ୍ମାନ ଦେଇ ସେମାନଙ୍କ କଥା ଶୁଣିବାକୁ କହିଛନ୍ତି । ଯେଉଁମାନେ ଏ ପଥ ଅନୁସରଣ କରୁନାହାନ୍ତି ସେମାନେ ଆତ୍ମସମୀକ୍ଷା କରନ୍ତୁ ବୋଲି କହିଛନ୍ତି ଫାଇଭ-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ଛାତ୍ରଛାତ୍ରୀଙ୍କ ହାତରେ ଅଛି ସେମାନଙ୍କ ଭବିଷ୍ୟତ । ଚାହିଁଲେ ଭବିଷ୍ୟତକୁ ବହୁତ ଉଜ୍ଜଳ କରିପାରିବେ । ଏହାସହ ଖୁବଶୀଘ୍ର ନୂଆପଡ଼ା ଜିଲ୍ଲାରେ ଲକ୍ଷ୍ମୀ ଯୋଜନା ଆରମ୍ଭ ହେବ । ଏଥିରେ ଛାତ୍ରଛାତ୍ରୀ ସେମାନଙ୍କ କଲେଜକୁ ୫ ଟଙ୍କା ଦେଇ ଯାତ୍ରା କରିପାରିବେ । ଛାତ୍ରଛାତ୍ରୀଙ୍କ ଉନ୍ନତି ଲାଗି ମୁଖ୍ୟମନ୍ତ୍ରୀ ଏ ସବୁ କରୁଛନ୍ତି । କେବଳ ଗୋଟିଏ ଉଦ୍ଦେଶ୍ୟ ଯାହା ବି ସ୍ୱପ୍ନ ଦେଖୁଛନ୍ତି ତାହା ସାକାର କରନ୍ତୁ । ସ୍ୱପ୍ନ ସାକାର ହେଲେ ଆପଣ ଆଗକୁ ବଢିବେ ଓଡ଼ିଶା ଆଗକୁ ବଢିବ । ସଶକ୍ତ ଓଡ଼ିଶା ଗଠନ ହେବ । ନୂଆପଡ଼ା ଜିଲ୍ଲାରେ ୩୦ ହାୟର ସେକେଣ୍ଡାରୀ ସ୍କୁଲ ଓ କଲେଜର ରୂପାନ୍ତରଣ କାମ ଚାଲିଛି । ଆସନ୍ତା ମାସରୁ ଦେଢ ମାସ ମଧ୍ୟରେ ଏହି ରୂପାନ୍ତରଣ କାମ ସରିବ । ସହରର ବଡ଼ ବଡ଼ କଲେଜର ପିଲା ଯେଉଁ ସୁବିଧା ପାଉଥିଲେ ଏଠାକାର ପିଲାମାନେ ମଧ ଏହି ସୁବିଧା ପାଇବେ ବୋଲି କହିଛନ୍ତି ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ।




# ପ୍ରଧାନମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ ପୂର୍ବରୁ ପ୍ରସ୍ତୁତି ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ



ସମ୍ବଲପୁର,(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ବଲପୁର ଗସ୍ତ ପରିପ୍ରେକ୍ଷୀରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଆଇଆଇଏମ, ସମ୍ବଲପୁର ଓ ସମ୍ବଲପୁର ରେମେଡ ପଡ଼ିଆ ଠାରେ ପ୍ରତ୍ୟକ୍ଷ ଭାବରେ ସ୍ଥାନୀୟ ପ୍ରଶାସନ, କର୍ତ୍ତୃପକ୍ଷ ଏବଂ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଆସନ୍ତାକାଲି ଆଇଆଇଏମ ସମ୍ବଲପୁର କ୍ୟାମ୍ପସର ଉଦଘାଟନ କରିବା ସହ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବେ । ସମ୍ବଲପୁର ରେମେଡ୍ ଛକ ପଡିଆରେ ବିଜେପି ପକ୍ଷରୁ ଆୟୋଜିତ 'ବିଶାଳ ଗ୍ୟାରେଣ୍ଟି ସମାବେଶ'ରେ ଯୋଗ ଦେବେ । ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ୬୮,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଉଦଘାଟନ, ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ ଏବଂ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି । ଏହାର ଅବ୍ୟବହିତ ପୂର୍ବରୁ ଶ୍ରୀ ପ୍ରଧାନ ଆଜି ପ୍ରଥମେ ଆଇଆଇଏମ, ସମ୍ବଲପୁର ଗସ୍ତ କରି ସ୍ଥାନୀୟ ପ୍ରଶାସନ ଓ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷଙ୍କ ସହ ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ରେମେଡ ଠାରେ ସ୍ଥାନୀୟ ପ୍ରଶାସନ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିବା ସହ ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ ।ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଗତ ୩ ବର୍ଷ ତଳେ କୋଭିଡ୍ ସମୟରେ ପ୍ରଧାନମନ୍ତ୍ରୀ ମୋଦି ନିଜେ ଭିଡିଓ କନଫରେନ୍ସିଂ ଜରିଆରେ ଆଇଆଇଏମ ସମ୍ବଲପୁରର ନୂତନ କ୍ୟାମ୍ପସ ଶିଳାନ୍ୟାସ କରିଥିଲେ । ପ୍ରଧାନମନ୍ତ୍ରୀ ସବୁବେଳେ କୁହନ୍ତି, ଯେଉଁ ପ୍ରକଳ୍ପକୁ ଆମ ସରକାର ଆରମ୍ଭ କରେ, ସେହି ପ୍ରକଳ୍ପକୁ ଲୋକାର୍ପଣ ମଧ୍ୟ କରେ । ଭାରତ ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ପ୍ରାୟ ୪୦୦ କୋଟି ଟଙ୍କା ବ୍ୟୟରେ ଆଇଆଇଏମ୍ ସମ୍ବଲପୁର କ୍ୟାମ୍ପସର ଭବ୍ୟ ଭବନର ଲୋକାର୍ପଣ ହେବ । ବିଗତ ୧୦ ବର୍ଷ ଭିତରେ ଏହି ଅନୁଷ୍ଠାନ ଦେଶର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ନିଜର ମାନ୍ୟତାକୁ ଉପଲବ୍ଧି କରିପାରିଛି । ଓଡ଼ିଶା ପ୍ରଧାନମନ୍ତ୍ରୀଙ୍କ ଯୋଜନାରେ ପୂର୍ବୋଦୟର ବଡ ଶକ୍ତି ପୁଞ୍ଜି ହୋଇଛି । ଆସନ୍ତାକାଲି ସମ୍ବଲପୁର ରେଳ ଷ୍ଟେସନର ନବୀକରଣର ଶୁଭ ଦିଆଯିବା ସହ ଅନେକ ରେଳ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ ଦିଆଯିବ । ଏନଟିପିସି ସହ ଶକ୍ତି କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାରମ୍ଭ କରାଯିବ । ଜାତୀୟ ରାଜପଥ ପ୍ରକଳ୍ପ ସହ ଗ୍ୟାସ ପାଇପଲାଇନ ପ୍ରକଳ୍ପର ଲୋକାର୍ପଣ ଓ ଶୁଭାରମ୍ଭ ହେବ । ଝାରସୁଗୁଡ଼ା ମୁଖ୍ୟ ଡାକଘର ଐତିହ୍ୟ ଭବନକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର କାର୍ଯ୍ୟକ୍ରମ ରହିଛି । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏବଂ କେନ୍ଦ୍ରର ଅନ୍ତରୀଣ ବଜେଟ୍ ଉପସ୍ଥାପନ ପରେ ପ୍ରଧାନମନ୍ତ୍ରୀ ମା' ସମଲେଶ୍ୱରୀଙ୍କ ମାଟିରେ ପ୍ରଥମ ଜନସଭାକୁ ସମ୍ବୋଧିତ କରିବାକୁ ଯାଉଛନ୍ତି, ଯାହା ଆମ ପାଇଁ ଗୌରବର ବିଷୟ । ମୋଦିଜୀ ଦେଶର ଗରିବ, ମହିଳା, କୃଷକ ଏବଂ ଯୁବକଙ୍କ ଆସ୍ଥାର କେନ୍ଦ୍ରବିନ୍ଦୁ ହୋଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ସମ୍ବଲପୁର ସମେତ ଓଡ଼ିଶାବାସୀଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖାଯାଇଛି ।

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏମସିଏଲର ୪ଟି ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର କରିବେ




ସମ୍ବଲପୁର ,(ପି.ଏନ): ପ୍ରଧାନମନ୍ତ୍ରୀ ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡର କୋଇଲା ଭିତ୍ତିଭୂମି ପ୍ରକଳ୍ପକୁ ଉଦଘାଟନ କରିବେ, ଯେଉଁଥିରେ ଅନୁଗୁଳ ଜିଲ୍ଲାର ତାଳଚେର କୋଲଫିଲ୍ଡରେ ପ୍ରଥମ ପର୍ଯ୍ୟାୟ ଭୁବନେଶ୍ୱରୀ ଏଫଏମସି ପ୍ରକଳ୍ପ ଏବଂ ଲାଜକୁରା ରାପିଡ୍ ଲୋଡିଂ ସିଷ୍ଟମ (ଆରଏଲଏସ) ଅନ୍ତର୍ଭୁକ୍ତ । ପାଖାପାଖି ୨୧୪୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାରୁ ଶୁଷ୍କ ଇନ୍ଧନର ଗୁଣବତ୍ତା ଏବଂ ଯୋଗାଣକୁ ପ୍ରୋତ୍ସାହିତ କରିବ। ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାରେ ୫୫୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଇବ୍ ଭ୍ୟାଲି ୱାଶେରୀକୁ ମଧ ପ୍ରଧାନମନ୍ତ୍ରୀ ଉଦଘାଟନ କରିବେ। ଏହା ଗୁଣବତ୍ତା ପାଇଁ କୋଇଲା ପ୍ରକ୍ରିୟାକରଣରେ ଏକ ଆଦର୍ଶ ପରିବର୍ତ୍ତନକୁ ଚିହ୍ନିତ କରିବ, ଯାହା ଅଭିନବତା ଏବଂ ସ୍ଥାୟିତ୍ୱକୁ ସୂଚିତ କରିବ। ୮୭୮ କୋଟି ଟଙ୍କା ନିବେଶ ସହିତ ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍ ଦ୍ୱାରା ନିର୍ମିତ ଝାରସୁଗୁଡ଼ା-ବରପାଲି-ସରଡେଗା ରେଳ ଲାଇନ୍ ଫେଜ୍-୧ର ୫୦ କିଲୋମିଟର ଲମ୍ବା ଦ୍ୱିତୀୟ ଟ୍ରାକ୍ ?କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ ବୋଲି ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏମସିଏଲ ସିଏମଡି ଉଦୟ ଅନନ୍ତ କାଲୋ ପ୍ରକାଶ କରିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ଏମସିଏଲର କାର୍ମିକ ନିର୍ଦ୍ଦେଶକ କେଶବ ରାଓ ,ବୈଷୟିକ ନିର୍ଦ୍ଦେଶକ ଯୁଗଳ କିଶୋର ବୋରା ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ଅରୁଣ ପଣ୍ଡାଙ୍କ ପରିବାରଙ୍କୁ ଅର୍ଥରାଶି ପ୍ରଦାନ



ଭୁବନେଶ୍ୱର, (ପି.ଏନ) : ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ପୂର୍ବାଞ୍ଚଳ ଶାଖା ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡାଙ୍କ ଏକାଦଶାହ ଶ୍ରାଦ୍ଧ ଦିବସରେ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି। କଟକସ୍ଥିତ ୱିଣ୍ଡସର ପ୍ୟାଲେସ୍‌ଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଓ ସାଧାରଣ ସମ୍ପାଦକ ସନତ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ପଣ୍ଡାଙ୍କ ପରିବାରଙ୍କୁ ନଗଦ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରି ତାଙ୍କ ସ୍ମୃତି ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ ।ସୂଚନାଯୋଗ୍ୟ ଯେ, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ଅତୀତରେ ପରଲୋକଗତ ସାମ୍ବାଦିକ ମାନଙ୍କ ସ୍ମୃତିରେ ତାଙ୍କ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବାର ପରମ୍ପରା ରହିଆସିଛି। ନିକଟ ଅତୀତରେ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଅଜିତ କୁମାର ମହାନ୍ତି, ଆଳୟ କୁମାର ମହାନ୍ତି ଓ ବୈଷ୍ଣବ ଚରଣ ଜେନାଙ୍କ ପରିବାରଙ୍କୁ ମଧ୍ୟ ବୋର୍ଡ଼ ପକ୍ଷରୁ ଅର୍ଥରାଶି ପ୍ରଦାନ କରାଯାଇଥିଲା।

# ଡିଏଭି ପୋଖରୀପୁଟରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୨୦୦ତମ ଜନ୍ମଦିବସ ପାଳିତ



ଭୁବନେଶ୍ୱର ,(ପି.ଏନ): ଡିଏଭି ପୋଖରୀପୁଟରେ ସଂସ୍କାରକ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୨୦୦ ତମ ଜନ୍ମ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାମୀ ଦୟାନନ୍ଦଙ୍କ ଆଦର୍ଶ ଓ ଅନୁଚି'ାଙ୍କୁ ଆଧାର କରି ଏକ ପୁସ୍ତକ ବିଦ୍ୟାଳୟ ପରିଚାଳନା ସମିତିର ଚେୟାରମ୍ୟାନ୍ ଡ. ଅରୁଣ କୁମାର ରଥ ଓ ଅଧ୍ୟକ୍ଷ ବିପିନ କୁମାର ସାହୁଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ଉପଲକ୍ଷେ ଦୟାନନ୍ଦଙ୍କ ଆଦର୍ଶ ଉପରେ ଆଧାରିତ ଏକ କ୍ଷୁଦ୍ର ମର୍ମସ୍ପର୍ଶୀ ନାଟକ ପଞ୍ଚମ ଶ୍ରେଣୀର ବିଦ୍ୟାର୍ଥୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା । ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟ' ପ୍ରାୟ ୫୦୦ରୁ ଅଧିକ ବିଦ୍ୟାର୍ଥୀ ବେଦମନ୍ତ୍ର ପାଠ କରିଥିଲେ । ଦୟାନନ୍ଦଙ୍କ ଅମୃତମୟ ସନ୍ଦେଶ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରାୟ ୨୨୦ରୁ ଅଧିକ ବିଦ୍ୟାର୍ଥୀ ଦୟାନନ୍ଦଙ୍କ ବେଶଧାରଣପୂର୍ବକ ବିଦ୍ୟାଳୟ ସନ୍ନିକଟ ଅଞ୍ଚଳ ପରିକ୍ରମା କରିଥିଲେ। ଏହି ପଦଯାତ୍ରାରେ ବହୁ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ବିଦ୍ୟାର୍ଥୀମାନଙ୍କର ବେଦମନ୍ତ୍ର ପାଠ ଓ ଓଁକାର ଧ୍ୱନି ଆଧ୍ୟାତ୍ମିକ ଭାବାବେଗ ପରିବେଶ ସୃଷ୍ଟି କରିଥିଲା ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

2024-2025
ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
Special discount for new admission before 15.03.2023
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservition as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

